ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୬ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 26 September 2025

Vol.No. 36 ■ No.255 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଲଦାଖ ହିଂସା ଘଟଣାରେ ୫୦ ଗିରଫ

## ନିୟନ୍ତ୍ରଣରେ ସ୍ଥିତି, ବ୍ୟାପକ ଫୋର୍ସ ମୁତୟନ




ନୂଆଦିଲ୍ଲୀ,୨୫/୯ : ରାଜ୍ୟ ମାନ୍ୟତା ଦାବିରେ ଲଦାଖରେ ସୃଷ୍ଟି ହୋଇଥିବା ହିଂସାକୁ ନେଇ ସାରା ଦେଶରେ ଚର୍ଚ୍ଚା । ନେପାଳ ଭଳି ଲଦାଖରେ ଯୁବପିଢ଼ି ହିଂସାକାଣ୍ଡ ଘଟାଇଥିଲେ । ସ୍ଥିତି ନିୟନ୍ତ୍ରଣରେ ଥିଲେ ମଧ୍ୟ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି । ତେବେ ଏହି ହିଂସାକାଣ୍ଡ ପଛରେ କାରଣ କ'ଣ ? ଆଉ ଜେନ୍-ଜିଙ୍କ ଭୂମିକା କ'ଣ ଥିଲା କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ । ଯେଉଁଠି ଦେଖିବେ ନିଆଁ ଆଉ ଧୂଆଁ। ରାଜ୍ୟ ମାନ୍ୟତା ଦାବିରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ହିଂସାର ରୂପ ନେବା ପରେ ଏଭଳି ସ୍ଥିତି ଉପୁଜିଛି । ନେପାଳ ବିକ୍ଷୋଭ ଭଳି ଏଠାରେ ମଧ୍ୟ ଜେନ-ଜି ତଥା ଯୁବପିଢ଼ି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହାତରେ ବାଡ଼ି ଧରି ରାସ୍ତାରେ ବୁଲୁଛନ୍ତି । ପୋଡ଼ାଜଳା, ଟେକା ପଥର ମାଡ଼ ସହ ବ୍ୟାପକ ଭଙ୍ଗାରୁଜା ମଧ୍ୟ ହୋଇଛି । ସିଆରପିଏଫ୍ ଭ୍ୟାନ ସହ ଏକାଧିକ ସରକାରୀ ଗାଡ଼ିରେ ନିଆଁ ଲଗାଇଦେଇଛନ୍ତି ବିକ୍ଷୋଭକାରୀ । ପ୍ରବଳ ହିଂସାକାଣ୍ଡ ଯୋଗୁ ୪ ଜଣଙ୍କ ଜୀବନ ଯାଇଛି, ୮୦ରୁ ଅଧିକ ଆହତ ହୋଇଛନ୍ତି । ୫୦ରୁ ଅଧିକ ବିକ୍ଷୋଭକାରୀଙ୍କୁ ଅଟକ ରଖାଯାଇଛି । ଆଜି ନିୟନ୍ତ୍ରଣାଧୀନ ଥିବା କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲେ ମଧ୍ୟ ସୁରକ୍ଷାକର୍ମୀ ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ୨୦୧୯ରେ ଜମ୍ମୁ-କାଶ୍ମୀରଠୁ ଅଲଗା ହୋଇଥିଲା ଲଦାଖ । ସେତେବେଳେ ଏହି ବିକ୍ଷୋଭର ନେତୃତ୍ୱ ନେଉଥିବା ସୋନମ ୱାଙ୍ଗଚୁକଙ୍କ ସହ ଲଦାଖବାସୀ ଏହାକୁ ସ୍ୱାଗତ କରିଥିଲେ । କିନ୍ତୁ କିଛି ମାସରେ ଭିତରେ ଏକ ରାଜନୈତିକ ଶୂନ୍ୟତା ସୃଷ୍ଟି ହୋଇଥିଲା । କାରଣ ଲଦାଖରେ ଜମ୍ମୁ-କାଶ୍ମୀର ଭଳି ବିଧାନସଭା ନଥିଲା । ଉପରାଜ୍ୟପାଳ ଏଠାରେ ଶାସନ ଭାର ତୁଲାଇଥାନ୍ତି । ତେଣୁ ରାଜ୍ୟ ମାନ୍ୟତା ଦାବି କରିଆସୁଥିଲେ ଲଦାଖବାସୀ । ୨୦୨୪ରେ ରାଜ୍ୟ ମାନ୍ୟତା ଦାବିରେ ନୂଆଦିଲ୍ଲୀକୁ ପଦଯାତ୍ରା କରିଥିଲେ ସୋନମ ୱାଙ୍ଗଚୁକ୍‌ଙ୍କ ସହ ଶତାଧିକ ପ୍ରଦର୍ଶନକାରୀ । ଏହି ୪ ମୁଖ୍ୟ ଦାବିକୁ ନେଇ ୩୫ ଦିନ ଧରି ଅନଶନରେ ବସିଥିବା ଦୁଇ ପ୍ରଦର୍ଶନକାରୀ ହସ୍ପିଟାଲରେ ଭର୍ତ୍ତି ହେବା ପରେ ତାତିଥିଲେ ଯୁବପିଢ଼ି ତଥା ଜେନ୍-ଜି ।

▶▶ପୃଷ୍ଠା ୭

# ବସ୍‌କୁ ସାମ୍ନା ପଟୁ ପିଟି ଶହେ ମିଟର ଘୋଷାଡ଼ି ନେଲା ଟ୍ରକ୍ : ଚାଲିଗଲା ୬ ଜୀବନ



ସୁନ୍ଦରଗଡ଼ , ୨୫/୯ (ନି.ପ୍ର): ପୂଜା ପୂର୍ବରୁ ଘଟିଛି ଭୟଙ୍କର ଦୁର୍ଘଟଣା । ଘରକୁ ପହଞ୍ଚିବାର ମାତ୍ର କିଛି ଦୂର ପୂର୍ବରୁ ଚାଲିଯାଇଛି ୬ ଜଣଙ୍କ ଜୀବନ । ଆହତ ହୋଇଛନ୍ତି ୨୦ରୁ ଅଧିକ ଯାତ୍ରୀ। କାନ୍ଦବୋବାଳିରେ ଫାଟି ପଡୁଛି ସୁନ୍ଦରଗଡ଼ କେ.ବଲାଙ୍ଗ ଥାନା ଅଞ୍ଚଳ । ପାର୍ବଣ ବେଳେ ସୁନ୍ଦରଗଡ଼ କେ.ବଲାଙ୍ଗ ଥାନା ଅଞ୍ଚଳରେ ଘଟିଛି ଏହି ଦୁର୍ଘଟଣା। ବସ୍ ଓ ଟ୍ରକ୍ ମୁହାଁମୁହିଁ ଧକ୍କା ଯୋଗୁଁ ଚାଲି ଯାଇଛି ଏକାଧିକ ଯାତ୍ରୀଙ୍କ ଜୀବନ । ୨୦ରୁ ଅଧିକ ଲୋକ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ରାସ୍ତା ଜାମ ଯୋଗୁ କେବଲାଙ୍ଗ ଥାନା ଛକରୁ ବିପରୀତ ଦିଗରେ ଯାଉଥିଲା ରାଉରକେଲାରୁ ବାହାରିଥିବା ଲିଙ୍ଗରାଜ ନାମକ ଘରୋଇ ବସ୍ । ସେହି ରାସ୍ତା ଦେଇ ଲୁହାପଥର ଲୋଡ୍ କରି ଦ୍ରୁତ ଗତିରେ ସାମ୍ନା ପଟୁ ଆସିଥିଲା ଏକ ଟ୍ରକ୍ । କେହି କିଛି ବୁଝିବା ପୂର୍ବରୁ ମୁହାଁମୁହିଁ ହୋଇଥିଲା ଧକ୍କା । ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ ୧୦୦ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇଯାଇଥିଲା ଉଭୟ ଗାଡ଼ି । ଚାପି ହୋଇଯାଇଥିଲେ ବସ୍‌ରେ ଥିବା ଯାତ୍ରୀ । ଚିତ୍କାରରେ ଫାଟି ପଡ଼ିଥିଲା ପୂରା ଅଞ୍ଚଳ । ଖବର ପାଇ କେବଲାଙ୍ଗ ପୁଲିସ, ଅଗ୍ନିଶମ ବାହିନୀ, ସ୍ଥାନୀୟ ଲୋକ ବସର ଝରକା ଓ ପଛ କାଚ ଦେଇ ଲୋକଙ୍କୁ ଉଦ୍ଧାର କରିଥିଲେ । ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳ ସ୍ତବ୍ଧ ହୋଇଯାଇଛି । କାନ୍ଦ ବୋବାଳିରେ ଫାଟି ପଡୁଛି ଲହୁଣିପଡ଼ା ମେଡିକାଲ ପରିସର । ବଡ଼ କଥା ହେଉଛି କିଛି ଯାତ୍ରୀ ଆଉ ମାତ୍ର କିଛି ଦୂର ଯାଇଥିଲେ ଘରେ ପହଞ୍ଚିଥାନ୍ତେ । ହେଲେ, ସେମାନେ ଘରେ ପହଞ୍ଚିବା ପୂର୍ବରୁ ପହଞ୍ଚିଛି ମୃତ୍ୟୁର ଖବର । ଖଣି ପାଇଁ ରାସ୍ତା ଜାମ ହେଉଛି । ଲୋକେ ହଇରାଣ ହେବାରୁ ବିପରୀତ ଦିଗରେ ଯାଉଛନ୍ତି । ଯାହାର ପରିଣାମ ସ୍ୱରୂପ ଆଜି ଏତେ ବଡ଼ ଦୁର୍ଘଟଣା ଘଟିଛି। କିନ୍ତୁ ସମାଧାନର ବାଟ ବାହାରୁନି ।

# ଏଥର ବି କଲେଜ ନିର୍ବାଚନ ହେବନି !



ଭୁବନେଶ୍ୱର, ୨୫/୯ (ନି.ପ୍ର): ଏଥର ବି ହୋଇନପାରେ କଲେଜ ନିର୍ବାଚନ । ଶନିବାରଠାରୁ ଦୁର୍ଗାପୂଜା ଛୁଟି, ପ୍ରକାଶ ପାଇଲାନି ବିଜ୍ଞପ୍ତି । ଡରାଇଦେଲା ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣା ନା କ୍ୟାମ୍ପସ ହାଲଚାଲ ଦେଖି ଡରିଗଲେ ସରକାର ? ଦିନକ ପରେ ଛୁଟି ଆରମ୍ଭ ହୋଇଯାଉଥିବାରୁ ନିର୍ବାଚନ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । କିନ୍ତୁ ସରକାରଙ୍କ ପକ୍ଷରୁ ଏନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଛାତ୍ର ସଂସଦ ନିର୍ବାଚନ ନେଇ ଅନେକ ପ୍ରତିଶ୍ରୁତି ମିଳିଥିଲା । ଗତବର୍ଷଠାରୁ ଏପର୍ଯ୍ୟନ୍ତ ସରକାର ଅନେକ ଆଶା ଦେଖାଇଥିଲେ । ହେଲେ ଆଶା ନିରାଶାରେ ପରିଣତ ହୋଇଛି । କାରଣ ଚଳିତବର୍ଷ ଆଉ ହୋଇନପାରେ ଛାତ୍ର ସଂସଦ ନିର୍ବାଚନ । ଶନିବାରଠାରୁ ଦଶହରା ପୂଜା ଛୁଟି ଆରମ୍ଭ ହେଉଥିବାରୁ ଛାତ୍ର ସଂସଦ ନିର୍ବାଚନ ନେଇ ଆଶା ଓ ଆଶଙ୍କାରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି ।

▶▶ପୃଷ୍ଠା ୭

# ସିଏଜି ଧରିଲା ସାଂଘାତିକ ଦୁର୍ନୀତି: ଶିକ୍ଷାଠୁ ସ୍ୱାସ୍ଥ୍ୟ, ସବୁଠି କେଳେଙ୍କାରୀ



ଭୁବନେଶ୍ୱର, ୨୫/୯ (ନି.ପ୍ର): ଯୁଆଡ଼େ ଦେଖିବ ସିଆଡ଼େ ଦୁର୍ନୀତି। ସବୁ ବିଭାଗରେ ହେରଫେର । ଡିଜିଟାଲ ବ୍ୟବସ୍ଥାକୁ ନ ଆପଣାଇ ମାନୁଆଲ ଉପାୟରେ କାମ ହେଉଥିବାରୁ ଖୋଲାଖୋଲି ହେଉଛି ସରକାରୀ ଅର୍ଥ ଆତ୍ମସାତ , ଯେଉଁ ଦୁର୍ନୀତିକୁ ଧରିଛନ୍ତି ସିଏଜି । ନୀତିନିୟମ, ସରକାରୀ ବ୍ୟବସ୍ଥାକୁ ପାଦରେ ଦଳିମକଚି ବର୍ଷ ବର୍ଷ ଧରି ଚାଲିଥିଲା ହରିଲୁଟ୍ । ସିଏଜି ଅଡିଟ ପରେ ଏହାର ଖୁଲାସା ହୋଇଛି । ଗତକାଲି ବିଧାନସଭାରେ ଉପସ୍ଥାପିତ ହୋଇଥିବା ସିଏଜି ରିପୋର୍ଟରେ ଆସିଛି ସଙ୍ଗିନ ଓ ସାଂଘାତିକ ତଥ୍ୟ । ପୂର୍ବ ସରକାର ସମୟରେ ଅମୃତ ଓ ବସୁଧା ଯୋଜନାରେ ୨୮୦୮ କୋଟି ଖର୍ଚ୍ଚ ହୋଇଛି ହେଲେ ସାଧାରଣ ଲୋକଙ୍କୁ ପାଣି ମିଳିନି । କାରଣ କେଉଁଠି ପ୍ରକଳ୍ପ ଅଧପନ୍ତରିଆ ତ ପୁଣି କେଉଁଠି ଏଯାଏଁ ଆରମ୍ଭ ହୋଇନି ପ୍ରକଳ୍ପ । ସ୍ୱଚ୍ଛତା ନଥିବାରୁ ଇ-ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଧରିଛନ୍ତି ସିଏଜି । ଏକାଧିକ ବିଡରଙ୍କ ନାମରେ ସମାନ ପାନ୍ ନମ୍ବର ଥିବା ବେଳେ ସମୟସୀମା ପରେ ମଧ୍ୟ ବିଡ୍ ଦାଖଲ ହୋଇଛି । ଡିଜିଟାଲ ବ୍ୟବସ୍ଥା ଆପଣାଇବାକୁ ପୁଲିସ ବିଭାଗ ନାକ ଟେକୁଛି । ୧୭୬.୧୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅପରାଧ ଓ ଅପରାଧୀ ଟ୍ରାକିଂ ନେଟ୍‌ୱର୍କ ସିଷ୍ଟମ୍ ଏବେ ଖତ ଖାଉଛି । ଏହାର ଫାଇଦା କିଛି ଦୁର୍ନୀତିଖୋର ପୁଲିସ ବାବୁ ଉଠାଇଛନ୍ତି। ୪୧୨ଟି ମାମଲାରେ ଜେନେରାଲ ଡାଏରି ତାରିଖ ପୂର୍ବରୁ ଏତଲା ତାରିଖ ଦର୍ଶାଯାଇଛି । ମଡେଲ ଡିଗ୍ରି କଲେଜ ନାଁରେ ୪୦ କୋଟି ସ୍ୱାହା ।

▶▶ପୃଷ୍ଠା ୭

# ଓଡ଼ିଶାରେ ଆୟୋଜିତ ହେବ ୨୮ ତମ ଟେବୁଲ୍ ଟେନିସ ଟିମ୍ ଚମ୍ପିଆନସିପ

ଭୁବନେଶ୍ୱର, ୨୫/୯ (ନି.ପ୍ର): ଓଡ଼ିଶାରେ ଆୟୋଜିତ ହେବ ୨୮ ତମ ଟେବୁଲ୍ ଟେନିସ ଟିମ ଚମ୍ପିଆନସିପ । ୧୬ ବର୍ଷ ପରେ ଭାରତ ବର୍ଷରେ ଦ୍ୱିତୀୟ ତଥା ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଚମ୍ପିୟାନସିପ ଆହୋଜିତ ହେଉଛି। ୨୨ ଟି ଦେଶର ପାଖାପାଖି ୪୫୦ ରୁ ଉର୍ଦ୍ଧ୍ୱ ଖେଳାଳି ଏହି ଟେନିସ ଟିମ୍ ଚମ୍ପିଆନସିପରେ ଭାଗ ନେବେ।

# ସୁଧୁରୁଛି ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥା

ଭୁବନେଶ୍ୱର, ୨୫/୯ (ନି.ପ୍ର): ଅଭିଜିତ ମଜୁମଦାର... । ଓଡିଆ ସଙ୍ଗୀତ ଜଗତର ମେଲୋଡି କିଙ୍ଗ୍ । ସଙ୍ଗୀତରେ ଶ୍ରୋତାଙ୍କୁ ବାନ୍ଧି ରଖିବାର କଳା ସେ ବେଶ୍ ଜାଣନ୍ତି । ତାଙ୍କ ଗୀତ ବାଜିଲେ ଝୁମନ୍ତି ଦର୍ଶକ ଆଉ ଅନେକଙ୍କ ଆଖିରୁ ଲୁହ ବି ଝରେ । ସଙ୍ଗୀତରେ ସମସ୍ତଙ୍କୁ ମତୁଆଲା କରୁଥିବା ଅଭିଜିତ ଦା'ଙ୍କର ଏବେ ସୁଧୁରୁଛି ସ୍ୱାସ୍ଥ୍ୟାବସ୍ଥା । ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚାଲିଥିଲା ଗାୟକଙ୍କ ଚିକିତ୍ସା ।

▶▶ପୃଷ୍ଠା ୭

# ପାଲେଷ୍ଟାଇନ ପ୍ରସଙ୍ଗରେ ମୋଦୀଙ୍କୁ ଘେରିଲେ ସୋନିଆ




ନୂଆଦିଲ୍ଲୀ,୨୫/୯ : ଦୀର୍ଘ ଦିନ ପରେ କଂଗ୍ରେସ ସଂସଦୀୟ ଦଳ ଅଧକ୍ଷା ସୋନିଆ ଗାନ୍ଧୀ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିଛନ୍ତି । ପାଲେଷ୍ଟାଇନ ପ୍ରସଙ୍ଗରେ ଭାରତ ସରକାରଙ୍କ ବୈଦେଶିକ ନୀତିକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ସୋନିଆ। କଂଗ୍ରେସର ପୂର୍ବତନ ଅଧକ୍ଷ କହିଛନ୍ତି, ପାଲେଷ୍ଟାଇନ୍ ସଙ୍କଟ ଉପରେ ମୋଦୀ 'ଗମ୍ଭୀର ନିରବତା' ଅବଲମ୍ବନ କରି ନ୍ୟାୟ ଏବଂ ମାନବାଧିକାର ପ୍ରତି ଭାରତର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ପରିତ୍ୟାଗ କରିଛନ୍ତି। ଜାତୀୟ ଖବରକାଗଜରେ 'ଭାରତର ନିରବ ସ୍ୱର, ପାଲେଷ୍ଟାଇନ ସହିତ ଏହାର ବିଚ୍ଛିନ୍ନତା' ସ୍ତମ୍ଭ ଲେଖି ସୋନିଆ କହିଛନ୍ତି ନିରବତା ନିରପେକ୍ଷତା ନୁହେଁ, ଏହା ସହଯୋଗିତା । ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧ ଭିତରେ ମୋଦୀଙ୍କ କୂଟନୀତିକୁ ମଧ୍ୟ ସମାଲୋଚନା କହିଛନ୍ତି ସୋନିଆ। ସୋନିଆ କହିଛନ୍ତି, ପାଲେଷ୍ଟାଇନ ପ୍ରତି ଭାରତର ନିରବ ମନୋଭାବ କେବଳ ଏକ କୂଟନୈତିକ ଭୁଲ ପଦକ୍ଷେପ ନୁହେଁ ବରଂ ଏକ ନୈତିକ ବିଫଳତା, ଯାହା ପ୍ରଧାନମନ୍ତ୍ରୀଙ୍କ ଇସ୍ରାଏଲ ନେତା ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହିତ 'ବ୍ୟକ୍ତିଗତ ବନ୍ଧୁତା' ଦ୍ୱାରା ପରିଚାଳିତ । ବ୍ୟକ୍ତିଗତ କୂଟନୀତି କେବେ ବି ସ୍ଥାୟୀ ନୁହେଁ । ଭାରତକୁ ପାଲେଷ୍ଟାଇନ ପ୍ରସଙ୍ଗରେ ନେତୃତ୍ୱ ପ୍ରଦର୍ଶନ କରିବାକୁ ପଡ଼ିବ । ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରିଥିଲା। ପରେ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିଚାଲିଛି । ସୋନିଆ କହିଛନ୍ତି, ଇସ୍ରାଏଲର ପ୍ରତିଶୋଧ 'ନରସଂହାରଠାରୁ କମ୍ ନୁହେଁ' । ଯୁଦ୍ଧରେ ୫୫,୦୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକଙ୍କୁ ହତ୍ୟା କରାଯାଇଛି, ଯେଉଁଥିରେ ୧୭,୦୦୦ ଶିଶୁ ମଧ୍ୟ ଅଛନ୍ତି ।

# ଲଗାଣ ବର୍ଷାକୁ ନେଇ ସତର୍କ ରହିବାକୁ ଏସ୍‌ଆରସିଙ୍କ ପରାମର୍ଶ

ଭୁବନେଶ୍ୱର, ୨୫/୯ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷାକୁ ନେଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିସନର । ଆଜି ଭିଡିଓ କନଫରେନସିଂ ମାଧ୍ୟମରେ ୧୮ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ । ଏହା ପରେ ହେଡକ୍ୱାର୍ଟର ଛାଡ଼ି ନଯିବାକୁ ପରାମର୍ଶ ଦେଇଛନ୍ତି ଏସଆରସି । ଯେକୌଣସି ପରିସ୍ଥିତି ଆସିଲେ, ତାର କିପରି ମୁକାବିଲା କରାଯିବ ତା' ଉପରେ ଗୁରୁତ୍ୱ ଦେଇଛନ୍ତି ଏସଆରସି ।

▶▶ପୃଷ୍ଠା ୭



# ଅକ୍ଟୋବର ୬ ପରେ ଘୋଷଣା ହେବ ବିହାର ନିର୍ବାଚନ ତାରିଖ

## ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଭାରୀ ନିଯୁକ୍ତ କଲା ବିଜେପି, ବୈଜୟନ୍ତ ପଣ୍ଡାଙ୍କୁ ତାମିଲନାଡୁ ଦାୟିତ୍ୱ



ନୂଆଦିଲ୍ଲୀ,୨୫/୯ : ବିହାର ବିଧାନସଭା ନିର୍ବାଚନ ପାଇଁ ସରଗରମ ରହିଛି ରାଜନୀତି । ଭୋଟରଙ୍କୁ ନିଜ ସପକ୍ଷରେ ଆକୃଷ୍ଟ କରବା ପାଇଁ ଏନଡିଏ ଏବଂ ମହାଗଠବନ୍ଧନ ଜୋରସୋର୍ ପ୍ରୟାସ ଚଳାଇଛନ୍ତି । ଆସନ୍ତା ଅକ୍ଟୋବର ୬ ତାରିଖ ପରେ ବିହାର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯିବ । ଏହା ପୂର୍ବରୁ କର୍ମଚାରୀ ନିଯୁକ୍ତି ଓ ବଦଳି ଆଦି ଶେଷ କରିବା ପାଇଁ ବିହାର ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ବାଚନ କମିସନ ଚିଠି ଲେଖିଛନ୍ତି । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ବିହାର ଗସ୍ତ କରି ନିର୍ବାଚନ ପ୍ରସ୍ତୁତି ଅନୁଧ୍ୟାନ କରିବେ ଓ ନିର୍ବାଚନ ତାରିଖ ଘୋଷଣା କରିବେ । ନିର୍ଚାଚନ କମିସନଙ୍କ ପକ୍ଷରୁ ବିହାର ନିର୍ବାଚନ ଘୋଷଣା ସମ୍ପର୍କରେ ସୂଚନା ମିଳିବା ପରେ ବିଭିନ୍ନ ରାଜନୈତିକ ଦଳ ଆହୁରି ସକ୍ରିୟ ହୋଇଉଠିଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଜେପି ପକ୍ଷରୁ ବିହାର ନିର୍ବାଚନ ପାଇଁ ବଡ଼ ଦାୟିତ୍ୱ ଦିଆଯାଇଛି । ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଜେପିର ବିହାର ନିର୍ବାଚନ ପ୍ରଭାରୀ ଭାବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ନିଯୁକ୍ତ କରିଛନ୍ତି । ଉତ୍ତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ କେନ୍ଦ୍ରମନ୍ତ୍ରୀ ସି.ଆର୍ ପାଟିଲଙ୍କୁ ସହ- ପ୍ରଭାରୀ ଦାୟିତ୍ୱ ଦିଆଯାଇଛି । ସେହିପରି ଆସନ୍ତାବର୍ଷ ହେବାକୁ ଥିବା ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ବିଜେପିର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି । କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀ ମୋହୋଲଙ୍କୁ ବିଜେପି ତାମିଲନାଡୁ ନିର୍ବାଚନ ସହ-ପ୍ରଭାରୀ ଦାୟିତ୍ୱ ଦେଇଛି ।

▶▶ପୃଷ୍ଠା ୭

# ଫେବୃୟାରୀ ୧୭ରୁ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର, ୨୫/୯ (ନି.ପ୍ର): ପ୍ରକାଶ ପାଇଲା ସିବିଏସଇ ବୋର୍ଡ ପରୀକ୍ଷା ସୂଚୀ । ଆସନ୍ତା ଫେବୃୟାରୀ ୧୭ ରୁ ଆରମ୍ଭ ହେବ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା । ପ୍ରଥମ ଥର ପାଇଁ ଚଳିତ ବର୍ଷ ଦଶମ ଶ୍ରେଣୀରେ ୨ଟି ବୋର୍ଡ୍ ପରୀକ୍ଷାର ଆୟୋଜନ କରାଯିବ । ଫେବୃୟାରୀ ୧୭ ରୁ ମାର୍ଚ୍ଚ ୯ ଯାଏ ଦଶମ ପରୀକ୍ଷା ପ୍ରଥମ ସେସନ ହେବ । ଦ୍ୱିତୀୟ ସେସନ ମେ ୧୫ ରୁ ଜୁନ୍ ୧ ଯାଏ ପରୀକ୍ଷା ଅନୁଷ୍ଠିତ ହେବ ।

▶▶ପୃଷ୍ଠା ୭

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ସିପେଟ୍, ଭୁବନେଶ୍ୱରଠାରେ ଦକ୍ଷତା ବିକାଶ ତାଲିମ ପାଇଁ ୨୨ ଜଣ ସ୍ଥାନୀୟ ଯୁବକଯୁବତୀ ପ୍ରାୟୋଜିତ



ରାଉରକେଲା, ୨୫/୦୯ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ଏହାର ସିଏସ୍ଆର୍ ପ୍ରୟାସର ଅଂଶ ସ୍ୱରୂପ , ଭାରତ ସରକାରଙ୍କ ରାସାୟନିକ ଏବଂ ସାର ମନ୍ତ୍ରଣାଳୟ ଅଧିନସ୍ଥ ରାସାୟନିକ ଏବଂ ପେଟ୍ରୋକେମିକାଲ୍ ବିଭାଗ ପରିଚାଳିତ ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ)ରେ ନିଯୁକ୍ତି ସୁଯୋଗ ପାଇଁ ଦକ୍ଷତା ବିକାଶ ତାଲିମ ନେବା ପାଇଁ ପାର୍ଶ୍ୱାଞ୍ଚଳ ଗ୍ରାମରୁ ଆର୍ଥିକ ଅନଗ୍ରସର ଓ ଅବହେଳିତ ବର୍ଗର ୨୨ ଜଣ ଯୁବକଯୁବତୀଙ୍କୁ ପ୍ରାୟୋଜିତ କରିଛି।

ସେକ୍ଟର ୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ପ୍ରାକ ସୂଚନା ପ୍ରଦାନ ଓ ପରାମର୍ଶ କାର୍ଯ୍ୟକ୍ରମରେ ଆରଏସପିର ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଜିଏମ ଶ୍ରୀ ବିଭାବସୁ ମଲ୍ଲିକ, ଡ଼ିଜିଏମ ଶ୍ରୀ ଟି.ବି. ଟପ୍ପୋ, ସିପେଟର ପ୍ରତିନିଧି ଶ୍ରୀ ବିଶ୍ୱଜିତ ବେଉରିଆ, ବନ୍ଧମୁଣ୍ଡା ସରପଞ୍ଚ ସୁଶ୍ରୀ ଅନିତା ତିର୍କୀ, ସିଏସଆର ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ ଉପସ୍ଥିତ ଥିଲେ। ଏଥିପୂର୍ବରୁ ହିତାଧିକାରୀଙ୍କ ସହିତ ମତବିନିମୟ କରି ଶ୍ରୀ କାନେକର ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠାପର ଓ ଦୃଢ଼ଚିତ୍ତ ସହକାରେ ଟ୍ରେନିଂର ଲାଭ ନେବା ପାଇଁ ପରାମର୍ଶ ଦେଇଥିଲେ ଯାହା ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ସହାୟକ ହେବ।

ଏହି ଅଧିବେଶନରେ ଶ୍ରୀ ବେଉରିଆ ଉକ୍ତ ଯୋଜନା ଅନ୍ତର୍ଗତ ଉପଲବ୍ଧ ସୁଯୋଗ, ଭବିଷ୍ୟତ ବିକଳ୍ପ ଓ ସିପେଟରେ ଉପଲବ୍ଧ ସୁବିଧା ସମ୍ବନ୍ଧରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ।

ସୁଶ୍ରୀ ତିର୍କୀ ପାର୍ଶ୍ୱାଞ୍ଚଳର ଯୁବକଯୁବତୀଙ୍କ ପାଇଁ ଏଭଳି ସୁଯୋଗ ପ୍ରଦାନ ପାଇଁ ଆରଏସପି ପ୍ରବନ୍ଧନକୁ କୃତଜ୍ଞତା ଜଣାଇଥିଲେ। ପ୍ରାରମ୍ଭରେ ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶ୍ରୀ ଟି ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ ।

୨୦୨୧-୨୨ ରେ ଆରଏସପିର ସିଏସଆର ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରୟାସ, ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଯୁବକ ଯୁବତୀଙ୍କ ନିଯୁକ୍ତି ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରେ। ମେସିନ୍ ଅପରେଟର - ପ୍ଲାଷ୍ଟିକ୍ ପ୍ରକ୍ରିୟାକରଣ ତାଲିମ କାର୍ଯ୍ୟକ୍ରମ ଘରୋଇ, ଶିଳ୍ପ ଏବଂ ଅଟୋମୋବାଇଲ୍ କ୍ଷେତ୍ର ଭଳି ପ୍ରମୁଖ ଶିଳ୍ପଗୁଡ଼ିକୁ କଭର କରିବା ପାଇଁ ଡିଜାଇନ୍ କରାଯାଇଛି। ଏଥିରେ କେନ୍ଦ୍ରର ଅତ୍ୟାଧୁନିକ ପରୀକ୍ଷାଗାର ସୁବିଧା ବ୍ୟବହାର କରି ଡିଜାଇନ୍, ମୋଲ୍ଡିଂ ଏବଂ ଚୂଡ଼ାନ୍ତ ଉତ୍ପାଦ ଉତ୍ପାଦନରେ ତାଲିମ ଅନ୍ତର୍ଭୁକ୍ତ ରହିଛି। ଦଶମ ଶ୍ରେଣୀ ପାସ୍ କରିବାର ସର୍ବନିମ୍ନ ଯୋଗ୍ୟତା ଥିବା ଯେକୌଣସି ପ୍ରାର୍ଥୀ ତାଲିମ ପାଇଁ ଯୋଗ୍ୟ ଅଟନ୍ତି। ଏହି ପ୍ରୟାସ ଶତ ପ୍ରତିଶତ ନିଯୁକ୍ତିର ଗ୍ୟାରେଣ୍ଟି ଦିଏ, ଯାହା ପ୍ରଶିକ୍ଷାର୍ଥୀମାନଙ୍କୁ ପାଠ୍ୟକ୍ରମ ସଫଳ ଭାବରେ ସମାପ୍ତ କରିବା ପରେ ଏକ ସୁରକ୍ଷିତ କ୍ୟାରିଅର ପଥ ପ୍ରଦାନ କରେ। କାର୍ଯ୍ୟକ୍ରମର ସମସ୍ତ ଖର୍ଚ୍ଚ ଆରଏସପି ବହନ କରିବ, ଯେଉଁଥିରେ ବୋର୍ଡିଂ, ଲଜିଂ, ୟୁନିଫର୍ମ ଏବଂ ଟ୍ୟୁସନ୍ ଫି ଅନ୍ତର୍ଭୁକ୍ତ ରହିଛି।

# ଟାଉନହଲରେ ବିଜେପି ପକ୍ଷରୁ ରକ୍ତଦାନ ଶିବିର




ବାସୁଦେବପୁର, ୨୫/୯ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ ଓ ସେବାପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠି ମୁଖ୍ୟ ଅତିଥି ଭାବେ ଏହି ଶିବିରରେ ଯୋଗ ଦେଇଥିଲେ ଓ ଏହାକୁ ଉଦଘାଟନ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାନସଭା ନେତା ବାଣୀ କଲ୍ୟାଣ ମହାନ୍ତିଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସମୁଦାୟ ୭୫ ୟୁନିଟ ରକ୍ତ ଏହି ଶିବିରରେ ସଂଗୃହୀତ ହୋଇଥିଲା। ଏହି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଯୁବ ନେତା ମଧୁସୁଦନ ପାଢୀ, ଲିଙ୍କୁନ ଦଳାଇ, ଅନାଦି ବେହେରା, ଅସିତ୍ କୁମାର ଦାଶ, ଉମାକାନ୍ତ ଡାଙ୍ଗୁଆ, ଅମରେନ୍ଦ୍ର ନାୟକ, ମାନସ କୁମାର ନାୟକ, ଅଜୟ ନାୟକ, କିଶୋର କୁମାର ଜେନା, ବଳରାମ ନାୟକ, ଶତ୍ରୁଘ୍ନ ବାରିକ୍, ଅଭୟ ଭୋଇ, ବରଣ୍ଡୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ , କନକଲତା ପ୍ରଧାନ ଓ ବହୁ ସଂଖ୍ୟାରେ କର୍ମୀ ବନ୍ଧୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମସ୍ତ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା। ସମସ୍ତେ ବିଶ୍ୱ ଗୁରୁ ତଥା ପ୍ରିୟ ପ୍ରଧାନ ମନ୍ତ୍ରୀ ମୋଦିଜୀ ଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଏହି ଶିବିରରେ ପରିବେଶ ସୁରକ୍ଷା କରିବା,ବୃକ୍ଷ ରୋପଣ କରିବା, ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଓ ରକ୍ତଦାନ କରି ଅନ୍ୟ ମାନଙ୍କ ଜୀବନ ବଞ୍ଚାଇବା ସମ୍ପର୍କରେ ଆଲୋଚନା କରା ଯାଇଥିଲା।

# ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟ ଚନ୍ଦନଭାଟିରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ

ବଲାଙ୍ଗିର , ୨୫/୦୯ (ନି.ପ୍ର): ବଲାଙ୍ଗୀର ବ୍ଲକ୍ ଅନ୍ତର୍ଗତ ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟ ଚନ୍ଦନଭାଟି ରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦଯାପନି ଉତ୍ସବରେବ ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ମିଶ୍ର ଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।ସାତଦିନ ଧରି ଅନୁଷ୍ଠିତ ଶିବିର କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ମିଶ୍ର ଉଦ୍ ଘାଟନ କରିଥିଲେ ।ପ୍ରୋଗ୍ରାମ ଅଫିସର୍ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଶ୍ରୀ ଯୁଧିଷ୍ଠିର ପଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରରେ ବୃକ୍ଷ ରୋପଣ ,କଲେଜ୍ କେମ୍ପସ ସଫେଇ ,ପୋଷ୍ୟ ଗ୍ରାମ ବାଦୀଘୋର୍ ରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ ଡକ୍ଟର ଅଜିତ୍ କୁମାର ଭୋଇ ଯୋଗ ଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ ।ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ କୁମାର ଖୁଆ ଯୋଗ ଦେଇ ଏକ ପେଡ ମା କେ ନାମ ପର ୦.୨ ର ମହତ୍ତ୍ୱ ଓ ସେବା ମନୋଭାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ କିଶୋର ନ୍ୟାୟ ଆଇନ୍ ର ବିଭିନ୍ନ ଆଇନ୍ ଯଥା ବାଲ୍ୟ ବିବାହ ନିଷେଧ ଆଇନ୍, ପୋକ୍ସୋ ଆଇନ୍, ଶିଶୁ ଶ୍ରମିକ ଆଇନ୍ ଉପରେ ଜଣାଇଥିଲେ ।ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରେ ଅବସ୍ଥାପିତ ଥିବା ଅରୁଣା ର ଜିଲ୍ଲା ପରମର୍ଷଦାତା ପ୍ରମୋଦ ବଗର୍ତ୍ତି ଏକ ପେଡ ମା କେ ନାମ ପର ୦.୨ ର ଗୁରୁତ୍ୱ ଉପରେ ବର୍ଣ୍ଣନା କରିବା ସହ ଗଛ ଲଗାଇବା, ଗଛ ର ଯତ୍ନ ନେବା ସହ,ମାତୃ ଭୂମି ଓ ମା ଙ୍କୁ ସମ୍ମାନ ଦେବା ପାଇଁ ଉତ୍ସାହିତ କରିବା ସହ ମାତୃ, ପିତୃ ହିନ ଶିଶୁ ଙ୍କ ପାଇଁ ରାଜ୍ୟ ସରକାର ଯଶୋଦା ଯୋଜନା,ଆଶୀର୍ବାଦ ଯୋଜନା,ଗ୍ରୀନ ପାଷେଜ ସାର୍ଟିଫିକେଟ ଉପରେ ଜଣାଇ ଏହି ଯୋଜନା ର ଲାଭ ନେବା ପାଇ ଉତ୍ସାହିତ କରିଥିଲେ।

# ଜାତୀୟ ସେବା ଯୋଜନା ଦିବସ ପାଳିତ

ଜୟପୁର, ୨୫/୦୯ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୁଲ୍ୟରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ କୁଳସଚିବ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡଃ ପ୍ରଶାନ୍ତ କୁମାର ପାତ୍ର ଓ ମୁଖ୍ୟ ବକ୍ତା ଭାବରେ ସେମିଳିଗୁଡା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଡ଼ ଝାନସି ସିଂ ଯୋଗଦେଇ ସେବା ହିଁ ଶାନ୍ତି ଓ ମୁକ୍ତି। ଏନ୍ ଏସ୍ ଏସ୍ ସ୍ୱେଚ୍ଛାସେବୀମାନଙ୍କ ସେବା ଆଜି ସମାଜକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ। ବ୍ୟୁରୋ କାର୍ଯ୍ୟକ୍ରମ ସଂଯୋଜକ ଡ଼ ମନୋରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ସହ ପ୍ରାରମ୍ଭିକ ଅଭିଭାଷଣ ଦେବା ସହ ମଂଚାସୀନ ଅତିଥିମାନେ ବ୍ୟୁରୋ ଅନ୍ତର୍ଗତ ସମସ୍ତ କଲେଜ ମାନଙ୍କର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଉତ୍ସର୍ଗୀକୃତ ସେବାର ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ବ୍ୟୁରୋ ରାଜ୍ୟରେ ଅଗ୍ରଣୀ ହେବ ବୋଲି ଆଶାବ୍ୟକ୍ତ କରିଥିଲେ ।ଏହି ଅବସରରେ ଡଃ ଝାନସି ସିଂଙ୍କୁ ତାଙ୍କ ଜାତୀୟ ସେବା ଯୋଜନା ପ୍ରତି ଥିବା ଅବଦାନ ପାଇଁ ଉପଢୌକନ, ପୁଷ୍ପ ଗୁଛ ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯିବା ସହ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ପରିବେଷିତ ସଚେତନତା ଧର୍ମୀ ନାଟକ ସମସ୍ତଙ୍କୁ ମନୋରଞ୍ଜନ ସହ ନିଶା ନିବାରଣ ପାଇଁ ପ୍ରେରଣା ଦେଇଥିଲା। କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜିତ କରିଥିବା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ସୁକାନ୍ତି ସ ଅତିଥି ପରିଚୟ କରିଥିବା ବେଳେ ଶ୍ରୀ ଲୋକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ସିଦ୍ଧାର୍ଥ ଓ ମୋନାଲିସା ଚମତ୍କାର ଭାବେ ମଂଚ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

# ଦେଉଳିଆରେ 'ମା'ଙ୍କ ପାଇଁ ଗଛଟିଏ' କାର୍ଯ୍ୟକ୍ରମ




ବଡସାହି, ୨୫/୦୯ (ନି.ପ୍ର): ବଡସାହି ବ୍ଲକ୍ ଅଧିନ ଦେଉଳିଆ ପଂଚାୟତ ମା ମଙ୍ଗଳା ବନ ସୁରକ୍ଷା ସମିତି ଆନୁକୁଲ୍ୟରେ ଓ ବନ ବିଭାଗ ସହଯୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ 'ମାଙ୍କ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ବି.ଡିଓ ବନଜା ଦାସ, ତହସିଲଦାର କରୁଣାକର ଧିନ୍ଦା, ସିଡିପିଓ ସୁପ୍ରଭା ନାୟକ, ରେଂଜ ଅଧିକାରୀ ଶ୍ରୀ ମନ୍ତ୍ରୀ, ଦେଉଳିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ, ଆରଆଇ ସୁନିତା ଦେ ଓ ଫରେଷ୍ଟର ସୁନୀଲ ମହାନ୍ତ ପ୍ରମୁଖ ଯୋଗ ଦେଇ ବର୍ତମାନ ସମାଜରେ ଗଛର ଆବଶ୍ୟକତା ଓ ବୃକ୍ଷ ହିଁ ଜୀବନ ବୋଲି ମତବ୍ୟକ୍ତ କରିଥିଲେ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ସହିତ ପିଲାର ଯତ୍ନ ନେବା ଭଳି ତାର ରକ୍ଷଣାବେକ୍ଷଣ କଲେ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଦେଉଳିଆ ଉଚ୍ଚ ବିଦ୍ୟାଳୟର, ବଡସାହିର ଛାତ୍ରୀମାନେ ମାଙ୍କ ପାଇଁ ଉଦ୍ଦିଷ୍ଟ ଓ ଗଛ ଲଗାଇବା ସମ୍ପର୍କୀତ ସଂଗୀତ ଗାଇଥିବା ବେଳେ ବଡସାହି ବିବେକାନନ୍ଦ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୃକ୍ଷ ସମ୍ପର୍କୀତ ଓ ଏହାର ଉପକାରିତାକୁ ନେଇ ନୃତ୍ୟ ପରିବେଷଣ କରିଥିଲେ । ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ସହିତ ସ୍ଥାନୀୟ ଅଂଚଳର ଲୋକମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧ ଶହ ପାଖାପାଖି ବିଭିନ୍ନ ପ୍ରକାର ଗଛ ଲାଗାଯାଇଥିବା ବେଳେ ଚଳିତ ବର୍ଷ ୫ହଜାର ପାଖାପାଖି ଗଛ ଲଗାଯିବ ବୋଲି କମିଟି ସୂତ୍ରରୁ ଜଣାଯାଇଛି । ଏହାର ନେତୃତ୍ୱ ଓ ପରିଚାଳନା କମିଟିର ସଭାପତି ପ୍ରଭାତ କୁମାର ଜେନା କରିଥିବା ବେଳେ ସମସ୍ତ କମିଟି ସଦସ୍ୟ ଓ ସଦସ୍ୟାମାନେ ଏଥିରେ ସହଯୋଗ କରିଥିଲେ ।

# ସୁସ୍ଥ ନାରୀ: ସଶକ୍ତ ପରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୨୫/୦୯ (ନି.ପ୍ର): ଓଡ଼ିଶା ସରକାର ଓ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶ କ୍ରମେ ସରକାରୀ ସ୍ନାତକ ମହାବିଦ୍ୟାଳୟ ଚିତ୍ରକୋଣ୍ଡାରେ 'ସୁସ୍ଥ ନାରୀ: ସଶକ୍ତ ପରିବାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡକ୍ଟର ଚିନ୍ମୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଏହି ଅବସରରେ ଏକଦିବସୀୟ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଅଧ୍ୟାପିକା ସସ୍ମିତା ଖରା, ରଶ୍ମିତା ନନ୍ଦ,ରାଜଶ୍ରୀ ସେଠି,ମାଧବୀ ମଣ୍ଡଳ ଓ ପୁଷ୍ପଲତା ରାଉତ ପ୍ରଭୃତି ସୁସ୍ଥ ନାରୀ , ନାରୀ ଶକ୍ତି ,ନାରୀ ସ୍ୱତନ୍ତ୍ରତା ଓ ପରିବାର ପାଇଁ ନାରୀର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ସୁନ୍ଦର ଭାବରେ ବୁଝାଇଥିଲେ। ନାରୀ ସମ୍ମାନ ସମ୍ପର୍କରେ ଅଧ୍ୟାପକ ଜଗନ୍ନାଥ ଦାସ ନିଜ ବକ୍ତବ୍ୟ ରଖିଥିବା ବେଳେ ଗୋଟେ ସଶକ୍ତ ପରିବାର ତଥା ସୁନ୍ଦର ପରିବାର ଗଠନରେ ସୁସ୍ଥ ନାରୀର ଭୂମିକା ସଂବନ୍ଧରେ ଅଧ୍ୟକ୍ଷ ପ୍ରଭାବଶାଳୀ ବକ୍ତୃତା ଉପସ୍ଥାପନ କରିଥିଲେ। ପରିଶେଷରେ ଅଧ୍ୟାପକ କୃଷ୍ଣ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶ ଗ୍ରହଣ କରି ସ୍ୱାଭିମାନ ଅଂଚଳରେ ନାରୀଙ୍କ ସମ୍ମାନ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବାକୁ ସଂକଳ୍ପ କରିଥିଲେ।

# ଡ଼ିଗ୍ରୀ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ମାଲକାନଗିରି, ୨୫/୦୯ (ନି.ପ୍ର): ଆଜି ଜାତୀୟ ସେବା ବାହିନୀ ମାଲକାନଗିରି ଡ଼ିଗ୍ରୀ ମହାବିଦ୍ୟାଳୟ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ତଥା ସଂଯୋଜକ ଗୌତମ ନାୟକ ଓ ଦିପ୍ତିରେଖା ମିଶ୍ର ଟିମ୍ ମିଳିତ ଆୟୋଜନ କରିଥିଲେ କ୍ଷଏହି ରକ୍ତଦାନ ଶିବିରରେ ସତ୍ୟନାରାୟଣ କଲେଜ ଅଫ୍ ନର୍ସିଂ ର ଛାତ୍ରୀ ମାନେ ଦିପା ମଣ୍ଡଳ, କବିତା ସିଲ, ବିପାଶା ରାୟ ଓ ଏସ୍ ପ୍ରିୟା ସହଯୋଗ କରିଥିଲେ କ୍ଷଓଡ଼ିଶା ରକ୍ତଭଣ୍ଡାରର ଡାକ୍ତର ସାଗର ବାଲା ଓ ଅନ୍ୟ କର୍ମଚାରୀ ଭବାନୀଶଙ୍କର ଜେନା, ବିକାଶ କୁମାର ପଣ୍ଡା, ବିଷ୍ଣୁ ପ୍ରିୟା ବାଘ, ଲିପି ପ୍ରଭା ମହାନ୍ତି, ସାଗର ମିଶ୍ର, ସଞ୍ଜୟ ସାଗର, ସୁଜଲ୍ କୁମାର ରାୟ, ଗୁଣ ସାଗର ଖମାରୀ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ପରିଚାଳନା କରିଥିଲେ । ରକ୍ତଦାନ ନିମନ୍ତେ ବର୍ତ୍ତମାନର ଛାତ୍ର ଛାତ୍ରୀ ଙ୍କ ସହ ପୁରାତନ ଛାତ୍ର ଛାତ୍ରୀ ମାନେ ବହୁ ସଂଖ୍ୟାରେ ଆସି ନିଜ ପରୀକ୍ଷା କରିଥିଲେ କ୍ଷସର୍ବଶେଷରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ସଭାପତି ଶ୍ରୀ ସୋମନାଥ ପ୍ରଧାନ ଆସି ରକ୍ତଦାନ ଶିବିର ପିଲାଙ୍କ ଖାଇବା ବ୍ୟବସ୍ଥା ସବୁ ଦେଖିବାସହ ଅଧକ୍ଷ ଙ୍କ ସହ ସମସ୍ତବ୍ୟବସ୍ଥା ବିଷୟରେ ସବିଶେଷ ଆଲୋଚନା କରିଥିଲେ ।

# ଜିଲ୍ଲାପାଳଙ୍କ କୋରାପୁଟ ବ୍ଲକ ଓ ସୁନାବେଡା ପୌରପରିଷଦର ବିଭିନ୍ନ ଅଂଚଳ ପରିଦର୍ଶନ

କୋରାପୁଟ, ୨୫/୦୯ (ନି.ପ୍ର): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କୋରାପୁଟ ବ୍ଲକ ଓ ସୁନାବେଡା ପୌରପରିଷଦର ବିଭିନ୍ନ ଅଂଚଳ ପରିଦର୍ଶନ କରିଛନ୍ତି । କୋରାପୁଟ ବ୍ଲକର ଘାଟିଗୁଡା ଠାରେ ଚାଲିଥିବା ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଲିମିକା ଠାରେ ମୃତ୍ତିକା ହସ୍ତଶିଳ୍ପ (ଟେରାକୋଟା), ଡୁମୁରିପୁଟ ସ୍ଥିତ ସୁଭଦ୍ରା ଶକ୍ତି କାଫେ, ପଦ୍ମପୁର ସ୍ଥିତ ଗ୍ରାମୀଣ ଶିଳ୍ପ ଉଦ୍ୟାନ ଏବଂ ଡୁମୁରିଗୁଡ଼ା ସ୍ଥିତ କଫି ଚାରା ପ୍ରସ୍ତୁତିକରଣ କେନ୍ଦ୍ର ପରିଦର୍ଶନ କରି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ । ସେମାନେ କିପରି ଅଧିକ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସଂପର୍କରେ ପରାମର୍ଶ ଦେଇଥିଲେ । କଫି ଚାରା ଉତ୍ପାଦନ କିପରି ବୃଦ୍ଧି ହେବ ସେ ସଂପର୍କରେ ଆଲୋଚନା କରିଛନ୍ତି । ଯାହା ଅସୁବିଧା ରହିଛି ତାହା ପ୍ରଶାସନ ତରଫରୁ ଯଥାଶିଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି । ପରେ ସୁନାବେଡ଼ା ପୌରପରିଷଦ ଅନ୍ତର୍ଗତ ବିଭିନ୍ନ ସ୍ଥାନଗୁଡ଼ିକ ପରିଦର୍ଶନ କରି କାର୍ଯ୍ୟ ର ସମୀକ୍ଷା କରିଛନ୍ତି। ଅଡିଟୋରିୟମ, ଡେଲିମାର୍କେଟ, ହାଟପଦା ଆଦି ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଅଧୁରା ରହିଥିବା କାର୍ଯ୍ୟ ଗୁଡିକୁ ଯଥାଶିଘ୍ର ସମାପ୍ତ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।


**OFFICE OF THE ASST. DIRECTOR OF TEXTILES, BALASORE**

At-Gudipada, Po-Sovarampur, Dist.-Balasore,PIN-756001,
Tele-06782-262907, E-mail ID: adt.balasore@gmail.com

**QUOTATION CALL NOTICE FOR "SKILL UPGRADATION TRAINING UNDER POHI-2023-24 & 2025-26 and "TECHNOLOGICAL INTERVENTION" UNDER P.O.H.I.-2025-26.**

Sealed Quotations are invited form the registered suppliers/manufacturers/dealers/firms having valid PAN and GST registration with up to date income Tax & GST clearance certificate, for supply of different Handloom items like Fly shuttle frame Loom (different Reed Space), Weaving Accessories (different Size/ Type / count of Reed, Heald, Pirn. Bobbin, Shuttle, Heald Stave, Cycle Rim Charkha, Counting Glass, Drawing Hook) etc. for Technological Intervention Programme under the Scheme " Promotion of Handloom Industries & Jacquard fitting accessories, Weaving accessories, Jalla & Dobby items & Dyeing equipments under "Skill Up-gradation Training" of Balasore Textiles Zone.

Interested suppliers may quote their lowest rate in Seal Covers for Skill Up-gradation Training Under POHI-2023-24 & 2025-26 and Technological Intervention under P.O.H.I.-2025-26 super scribing/mentioning on Top of sealed cover that "Skill Up-gradation Training" and "Technological Intervention"with detailed specification (Material to be used /size / specification / Brand etc.) along with the copy of Income Tax Clearance Certificate, GST Registration Certificate and proof of execution of such orders earlier if any to the undersigned on or before Date.17.10.2025 by 5:30 P.M. through Registered / Speed Post only. The quotation received either in incomplete form or after the due date & time will not be considered and treated as cancelled.

The quotations will be opened on Dt.18.10.2025 at 11.00 A.M in the office of the undersigned in presence of the quotationeer or their authorized representatives and members of respective purchase committee. The quotationeers or their authorized representatives if any must present on that day with samples of the quoted items, failing which the related quotations shall not be considered.


For more details, term & condition etc for supply of the items, please visit the official web site of Directorate of Textiles, Odisha, Bhubaneswar- www.textiles.odisha.gov.in or state agency for development of Handloom Cluster (SADHAC) Bhubaneswar-www.sadhacodisha.org or official web site of Odisha State Handloom Weavers Cooperative Society Ltd, Bhubaneswar (BOYANIKA)- www.boyanika.com or official web site of Sambalpuri Bastralaya Weavers Cooperative Society Ltd, Baragarh- www.sambalpuribastralaya.com, Balasore District Web site (OSWAN Centre) www.balasore.odisha.gov.in and may contact to the Asst. Director of Textiles, Baripada in the above listed address, e-mail & Mobile Number-9777465794

The undersigned reserves the right to reject or accept any or all the quotations without assigning any reason thereof.

**OIPR: 31011/11/0005/2526**

**Asst. Director of Textiles , Balasore**


# ସେଲ୍, ରାଉରକେଲା ଇସ୍ପାତ କାରଖାନାର ପ୍ରକଳ୍ପ ବିଭାଗର କର୍ମଚାରୀ 'ସେଲ୍ ସାବାସ ପୁରସ୍କାର' ଯୋଜନା ଅଧୀନରେ ପୁରସ୍କୃତ




ରାଉରକେଲା, ୨୫/୦୯ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପ୍ରକଳ୍ପ ବିଭାଗରେ ଏକ ସ୍ୱତନ୍ତ୍ର ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଭାଗର ଅଧିକାରୀଙ୍କ ସମେତ ୧୨ ଜଣ କର୍ମଚାରୀଙ୍କୁ ସେମାନଙ୍କ ଅନୁକରଣୀୟ ଅବଦାନ ପାଇଁ 'ସେଲ୍ ସାବାସ' ଯୋଜନାରେ ସ୍ୱତନ୍ତ୍ର ପୁରସ୍କାର ବର୍ଗରେ ସମ୍ମାନିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ୍ ପାଲ ଚୌଧୁରୀ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରକଳ୍ପ ବିଭାଗର ସିଜିଏମ ଶ୍ରୀ ଦିଲ୍ଲୀପ କୁମାର ସାହୁ, ସିଜିଏମ ଶ୍ରୀ ରାହୁଲ ଅଗ୍ରୱାଲ, ପ୍ରକଳ୍ପ-ବାଣିଜ୍ୟିକ ବିଭାଗର ସିଜିଏମ ଶ୍ରୀ ଅଶ୍ୱିନୀ କୁମାର ସାହୁଙ୍କ ସମେତ ଉକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ପାଲ ଚୌଧୁରୀ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରତ୍ୟେକ ଛୋଟ ଅଭିନବ ଅବଦାନ କିପରି ଉଚ୍ଚ ଉତ୍ପାଦକତା ହାସଲ, ସୁରକ୍ଷାରେ ଉନ୍ନତି ଏବଂ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି ଗୁରୁତ୍ୱାରୋପ କରିଥିଲେ।

ଉଲ୍ଲେଖନୀୟ ଯେ ଆରଏସପି ସହରାଞ୍ଚଳ ପ୍ରକଳ୍ପ ନିମନ୍ତେ ୩୦ଏମଏଲଡ଼ି ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ସ୍ଥାପନ ଏବଂ ସିଓବି୭୨ ପ୍ରକଳ୍ପର କୋକ୍ ସର୍ଟିଂ ପ୍ଲାଣ୍ଟ (ସିଏସପି), ୧୦୦୦ ଟିପିଡ଼ି ବିଶିଷ୍ଟ ଅକ୍ସିଜେନ ପ୍ଲାଣ୍ଟ ପ୍ରକଳ୍ପ ଏବଂ ଏସଏମଏସ-୨ ରେ କାଷ୍ଟର-୪ ପ୍ରକଳ୍ପର କାର ?ୟାନ୍ୱୟନରେ ଆହ୍ୱାନକୁ ହ୍ରାସ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

ପ୍ରକଳ୍ପ ଏବଂ ଆଧୁନୀକିକରଣ ବିଭାଗର ଏଜିଏମ ଶ୍ରୀ ନିର୍ମଳ ମାହାତୋ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



# ଉପାସ ରହୁଥିଲେ ସାବଧାନ !

ଓଜନ କମାଇବାକୁ ଆପଣ କରୁଛନ୍ତି କି ଉପବାସ ? ଜିରୋ ଫିଗର ପାଇଁ କିମ୍ବା ପତଳା ହେବାକୁ ଖାଇବାରେ କରୁଛନ୍ତି କି କାଣ୍ଟଛାଣ୍ଟ ? ଆଜିକାଲି ଦୁନିଆରେ ସମସ୍ତେ ପତଳା ହେବାକୁ ଇଚ୍ଛା କରୁଥିବା ବେଳେ ଡାଏଟ କରିବାରେ ସମସ୍ତେ ବ୍ୟସ୍ତ । ଯୁବପିଢି ତ ଓଜନ କମାଇବାକୁ ଅନେକ ବାଟ ବାଛୁଛନ୍ତି । ବେଶି ଟ୍ରେଣ୍ଡରେ ଅଛି ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ । ଏହାର ଅର୍ଥ ଦିନର ୨୪ ଘଣ୍ଟାରୁ ନିର୍ଦ୍ଦିଷ୍ଟ ସମୟ ଯାଏଁ ଉପାସ ରହିବା ଏବଂ ବାକି ସମୟ ଭିତରେ ଖାଦ୍ୟ ଖାଇବା । ଏହାର କିଛି ସୁଫଳ ଥିଲେ ବି କିଛି ଖରାପ ପ୍ରଭାବ ବି ରହିଛି , ଯାହା ଆପଣ ଜାଣିବା ନିହାତି ଜରୁରୀ । ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗର ଚଳଣୀ ଆଜିକାଲି ବଢ଼ିଚାଲିଛି । ଫିଟ୍ ବଡ଼ି ଓ ଭଲ ସ୍ୱାସ୍ଥ୍ୟ ପାଇଁ ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗର ସାହାଯ୍ୟ ନେଉଛନ୍ତି । ଏଥିରୁ ଓଜନ ତ କମିଥାଏ ରକ୍ତଚାପ ବି ନିୟନ୍ତ୍ରଣରେ ରୁହେ । ଅନ୍ୟପଟେ ଏହାର ଏକାଧିକ ନକାରାତ୍ମକ ପରିଣାମ ବି ରହିଛି ଯାହା ସର୍ଭେରୁ ଜଣାପଡ଼ିଛି । ପ୍ରଥମ କଥା ହେଉଛି ଆପଣ ଯଦି ଓଜନ କମାଇବା ଲକ୍ଷ୍ୟରେ ଉପବାସ କରିବାକୁ ଚାହୁଁଛନ୍ତି ତାହେଲେ ଆପଣଙ୍କୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ବା ଡାଏଟିସିଆନଙ୍କ ସହ ପରାମର୍ଶ କରିବା ଜରୁରୀ । ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗରେ ଟାଇମ୍ ପ୍ୟାଟର୍ଣ୍ଣ ବା ନିର୍ଦ୍ଧାରିତ ସମୟ ଧାର୍ଯ୍ୟ କରାଯାଏ । ନିକଟରେ ହୋଇଥିବା ସର୍ଭେରୁ ଜଣାପଡ଼ିଛି, ଏଥିରେ ୧୬ ଘଣ୍ଟା ଉପାସ ରହିବାକୁ ପଡ଼େ । କେହି କେହି ୧୨ ଘଣ୍ଟା ଉପାସ ରହିବା ସହ ଅନ୍ୟ ୧୨ ଘଣ୍ଟା ଭିତରେ ଯାହା ଖାଇଥାନ୍ତି । ଆଉ କେହି ୧୦ ଘଣ୍ଟା ଉପାସ ରୁହନ୍ତି । ତେଣୁ ଏହି ଉପାସକୁ ୧୬:୮ ପ୍ୟାଟର୍ଣ୍ଣ କୁହାଯାଏ କିନ୍ତୁ ଏହା ହାର୍ଟ ଉପରେ ପ୍ରଭାବ ପକାଏ , ହାର୍ଟ ସମ୍ପର୍କୀତ ସମସ୍ୟା ବଢ଼ିଥାଏ । ଏହାସହ କ୍ୟାନ୍ସର ଓ ଅନ୍ୟ ଘାତକ ରୋଗର କାରଣ ହୋଇପାରେ । ଏଥିରେ ମଧୁମେହ ସମସ୍ୟା ଥିବା ଲୋକଙ୍କ ପାଇଁ ଆଦୌ ଗ୍ରହଣୀୟ ନୁହେଁ । ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଉପାସ କଲେ ହେଉଥିବା ସମସ୍ୟା ଭିତରେ ଚିଡ଼ଚିଡ଼ାପଣ ଅନୁଭବ ହେବା । ମୁଣ୍ଡ ବିନ୍ଧିବା, ଶରୀରରେ ପୋଷଣର ଅଭାବ ଦେଖାଦେବା, ଅଧିକ ଭୋଗ ଲାଗିବା ସହ ହାଲିଆ ଲାଗିବା । ତଥାପି ଯଦି ଆପଣ ଇଣ୍ଟରମିଟେଣ୍ଟ ଫାଷ୍ଟିଙ୍ଗ କରିବାକୁ ଚାହୁଁଛନ୍ତି ତେବେ ପ୍ରଥମେ ଏକ୍ସପର୍ଟଙ୍କ ସହ ପରାମର୍ଶ କରନ୍ତୁ ଏବଂ ନିଜ ପୋଷଣଯୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ ଦିଅନ୍ତୁ । ଫଳ, ସବୁଜ ପନିପରିବା, ସାଗୁ ପରି ପୋଷଣଯୁକ୍ତ ଖାଦ୍ୟ ଖାଆନ୍ତୁ । ଯଦି ଦେହରେ କିଛି ଅସହଜ ଅନୁଭବ କରନ୍ତୁ ତାହେଲେ ତୁରନ୍ତ ଉପବାସ ବନ୍ଦ କରନ୍ତୁ । କହିବାର ଅର୍ଥ ଓଜନ କମାଇବା ବଦଳରେ ଯେପରି କିଛି କ୍ଷତି ନହୁଏ ତାକୁ ଦୃଷ୍ଟିରେ ରଖନ୍ତୁ , ନିଜ ଶରୀରକୁ ଚାହିଁ ଉପବାସ କରନ୍ତୁ ।



# ଭିଟାମିନ୍ ବି୧୨ର ଅଭାବରେ କ'ଣ ହୁଏ?

ଆମ ଶରୀରକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କିଛି ଭିଟାମିନ୍ ନିତାନ୍ତ ଆବଶ୍ୟକ। ସେଥିମଧ୍ୟରୁ ଭିଟାମିନ୍ ବି୧୨ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଅତ୍ୟାବଶ୍ୟକ ଭିଟାମିନର ଅଭାବ ଅନେକ ଶାରୀରିକ ସମସ୍ୟାର କାରଣ ବନିପାରେ।

ଭିଟାମିନ୍ ବି୧୨ର ଅଭାବ କେବଳ ମାନସିକ ସମସ୍ୟା ନୁହେଁ ବରଂ ପେଟ ସମସ୍ୟା ମଧ୍ୟ ସୃଷ୍ଟି କରେ। ଆଜିକାଲି, ଆମର ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ହେତୁ ଭିଟାମିନ୍ ବି୧୨ର ଅଭାବ ଦେଖାଦିଏ। ଏହା ଶରୀରରେ ସମସ୍ୟା ସୃଷ୍ଟି କଲେ, ଆମେ ଔଷଧ ଏବଂ ସପ୍ଲିମେଣ୍ଟ୍ ଖାଇବା ଆରମ୍ଭ କରିଥାଉ।

ଭିଟାମିନ୍ ବି୧୨ ଅଭାବର ଲକ୍ଷଣଗୁଡ଼ିକ ବିଷୟରେ ସଚେତନ ରହିବା ଏବଂ ଲକ୍ଷଣଗୁଡ଼ିକ ଅତିରିକ୍ତ ହେବା ପୂର୍ବରୁ ଶରୀରରେ ବି୧୨ ସ୍ତର ପରୀକ୍ଷା କରି ସତର୍କ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ବାରମ୍ବାର ପେଟ ପୋଡ଼ା, ଗ୍ୟାସ୍, ବଦହଜମୀ କିମ୍ବା ଥକ୍କା ଅନୁଭବ କରନ୍ତି, ତେବେ ଏହା ବି୧୨ ଅଭାବ ଯୋଗୁଁ ହୋଇପାରେ। ଆସନ୍ତୁ ଭିଟାମିନ୍ ବି୧୨ ଅଭାବରୁ ଉପୁଜିପାରୁଥିବା ପେଟ ସମସ୍ୟା ଏବଂ ସେଗୁଡ଼ିକୁ ଦୂର କରିବା ପାଇଁ କ'ଣ ଖାଇବା ଉଚିତ ସେ ସଂପର୍କରେ ଜାଣିବା।

ଗ୍ୟାସ୍ ଏବଂ ବଦହଜମୀ: ବି୧୨ ଅଭାବ ପାଚନ କ୍ରିୟାକୁ ଦୁର୍ବଳ କରିଦିଏ। ଏହା ଖରାପ ପାଚନ, ଗ୍ୟାସ୍ ଏବଂ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରେ।

ଭୋକ ନ ଲାଗିବା: ଯେତେବେଳେ ଶରୀରରେ ବି୧୨ ସ୍ତର କମ୍ ଥାଏ, ସେତେବେଳେ ଭୋକ ମଧ୍ୟ କମିଯାଏ। ଯାହା ଶରୀରକୁ ଆବଶ୍ୟକୀୟ ପୁଷ୍ଟିକର ପଦାର୍ଥ ପାଇବାରୁ ବାଧା ଦିଏ।

ଜଳାପୋଡ଼ା ଏବଂ ଫୁଲା: ଭିଟାମିନ୍ ବି୧୨ ଅଭାବ ପେଟର ଭିତର ଭାଗକୁ ପ୍ରଭାବିତ କରେ, ଯାହା ଜ୍ୱଳନ ଏବଂ ଫୁଲା ସୃଷ୍ଟି କରିପାରେ।

କୋଷ୍ଠକାଠିନ୍ୟ କିମ୍ବା ଡାଇରିଆ: ଯେତେବେଳେ ଶରୀରରେ ଭିଟାମିନ୍ ବି୧୨ ଅଭାବ ଥାଏ, ସେତେବେଳେ କୋଷ୍ଠକାଠିନ୍ୟ ଏବଂ ଡାଇରିଆ ହୋଇପାରେ।

ବାନ୍ତି : କିଛି ଲୋକ ବି୧୨ ଅଭାବ ଯୋଗୁ ପେଟରେ ଭାରୀ ହେବାର ଏକ ଅଦ୍ଭୁତ ଅନୁଭବ ଏବଂ ବାନ୍ତି ଅନୁଭବ କରନ୍ତି।

# ଏକୁଟିଆପଣ ନେଉଛି ଜୀବନ: ପ୍ରତିଘଣ୍ଟାରେ ଯାଉଛି ୧୦୦ଜଣଙ୍କ ଜୀବନ

ପୃଥିବୀର ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଲାଣି । ତଥାପି ଆପଣ ବିଶ୍ୱାସ କରୁଛନ୍ତି କି, ପ୍ରତି ୬ ଜଣରେ ଜଣେ ଏକୁଟିଆପଣ ପାଇଁ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଜିକାଲି ବ୍ୟସ୍ତବହୁଳ ଜୀବନଶୈଳୀରେ କାହା ପାଖରେ କାହା ପାଇଁ ସମୟ ନାହିଁ । ସକାଳୁ ଉଠି ରାତି ପର୍ଯ୍ୟନ୍ତ ସମସ୍ତେ କେବଳ ଧାଉଁଛନ୍ତି । ପରସ୍ପରକୁ ଟପିବାର ପ୍ରତିଯୋଗିତାରେ ପରସ୍ପରକୁ ହିଁ ଭୁଲି ଯାଉଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ୮୦୦ କୋଟି ଟପିଲାଣି ବିଶ୍ୱ ଜନସଂଖ୍ୟା, ତଥାପି କିଛି ମଣିଷ ଆଜି ଏକୁଟିଆ । ଘରଠୁ ନେଇ ରାସ୍ତାଘାଟ, ଅଫିସ, ସାଙ୍ଗସାଥିଙ୍କ ସହ ଖଟି ପରେ ବି କିଛି ମଣିଷ ଆଜି ନିଃସ୍ୱ । ଏକଥା ଆମେ କହୁନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗବେଷଣାରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ତଥ୍ୟ । ରିପୋର୍ଟ ଅନୁଯାୟୀ ଏକ ଘଣ୍ଟାରେ ୧୦୦ ଜଣଙ୍କ ଜୀବନ ନେଉଛି ଏହି ଲୋନ୍‌ଲିନେସ୍ ବା ଏକୁଟିଆପଣ। ଏହି ସମସ୍ୟା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ ।

କେବେ କେବେ ଡେରିରେ ଅଫିସରେ ଫେରିବା ହେଉ କିମ୍ବା ସୁଟିଂ ସାରୁ ସାରୁ ବିଳମ୍ବିତ ରାତି ହେଇଯିବା ହେଉ... ଅବା କେଉଁ କାମରେ ଫସିବା କିମ୍ବା ସଉକରେ କେହି କେହି ବିଳମ୍ବିତ ରାତିରେ ଖାଉଥିବା ଦେଖିବାକୁ ମିଳୁଛି । ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ବିଳମ୍ବିତ ରାତିରେ ରାତ୍ରୀଭୋଜନ କରିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି । କାମର ଚାପ, ଲମ୍ବା ଶିଫ୍ଟ କିମ୍ବା ଅନିୟମିତ ରୁଟିନ୍ ଯୋଗୁଁ ଲୋକମାନେ ପ୍ରାୟତଃ ରାତିରେ ରାତ୍ରୀଭୋଜନ କରନ୍ତି । ଏହି ଅଭ୍ୟାସ ଆମ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ନକାରାତ୍ମକ ପ୍ରଭାବ ପକାଏ । ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉଭୟ ଗୁରୁତ୍ୱାରୋପ କରନ୍ତି ଯେ ଆମର ପାଚନ ତନ୍ତ୍ର ରାତିରେ ସବୁଠାରୁ ଧୀର କାମ କରେ ଏବଂ ବିଳମ୍ବିତ ରାତିରେ ଖାଇବା ଶରୀର ଉପରେ ଅନାବଶ୍ୟକ ଚାପ ପକାଇଥାଏ । ଏହା କେବଳ ଓଜନ ବୃଦ୍ଧିର କାରଣ ନୁହେଁ, ବରଂ ଏହା ଅନେକ ଗମ୍ଭୀର ରୋଗର ଆଶଙ୍କା ମଧ୍ୟ ବୃଦ୍ଧି କରେ । ରାତ୍ରୀଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଏକ ସୁସ୍ଥ ବ୍ୟବଧାନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏହା ଏବେ ହେଇ ପାରୁନି । ତେବେ ଜାଣନ୍ତୁ ଏହି ଅଭ୍ୟାସ ଦ୍ୱାରା ଶରୀରରେ କେଉଁ ରୋଗ ହୋଇପାରେ ଏବଂ ଏହି ଅଭ୍ୟାସକୁ କିପରି ଏଡାଇ ଦିଆଯାଇପାରିବ...



# ବିଳମ୍ବିତ ରାତିରେ ଖାଉଛନ୍ତି କି ?

-ବିଳମ୍ବିତ ରାତିରେ ଭୋଜନ କରିବା ଦ୍ୱାରା ଓଜନ ବୃଦ୍ଧି ହେବାର ସମ୍ଭାବନା ଅଧିକ
-ରାତିରେ ସମୟରେ ଶରୀରର ମେଟାବୋଲିଜିମ୍ ସ୍ତର ଧୀମା ହୋଇଯାଏ
-ବିଳମ୍ବରେ ଖାଇବା ଦ୍ୱାରା ଅତ୍ୟଧିକ କ୍ୟାଲୋରି ଉତ୍ପନ୍ନ ହୋଇଥାଏ
-ଶରୀର ଏହାକୁ ସମ୍ପୂର୍ଣ୍ଣ ଶକ୍ତିରେ ପରିବର୍ତ୍ତନ କରିପାରି ନଥାଏ
-ଅତିରିକ୍ତ କ୍ୟାଲୋରି ଶରୀରରେ ଚର୍ବି ଭାବରେ ସଞ୍ଚିତ ହୁଏ, ଯାହା ଓଜନ ବୃଦ୍ଧି କରେ
-ବିଳମ୍ବିତ ରାତିରେ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ପାଏ
-ଇନସୁଲିନ୍ ମାତ୍ରା ହ୍ରାସ ପାଏ, ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାକୁ ଅକ୍ଷମ ହୁଏ
-ଟାଇପ୍-୨ ମଧୁମେହ ହେବାର ଆଶଙ୍କା ବହୁତ ବଢ଼ିଯାଏ
-ରକ୍ତଚାପ ଏବଂ କୋଲେଷ୍ଟ୍ରଲ୍ ସ୍ତର ବଢ଼ିପାରେ
-ଯାହା ହୃଦରୋଗ ଏବଂ ଷ୍ଟ୍ରୋକ୍ ପାଇଁ ପ୍ରମୁଖ ବିପଦର କାରଣ
-ରାତିରେ ଭାରି ଖାଦ୍ୟ ଖାଇବା ଦ୍ୱାରା ପାଚନ ପ୍ରଣାଳୀ ଉପରେ ଚାପ ପଡ଼ିଥାଏ
-ଏହା ହୃଦୟ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ
-ବିଳମ୍ବିତ ରାତିରେ ଖାଇବାର ଅଭ୍ୟାସ ପରିହାର କରନ୍ତୁ
-ରାତିରେ ଭୋକ ଲାଗୁଥିଲେ ହାଲୁକା ଖାଦ୍ୟ ଗ୍ରହଣ କରିପାରିବେ

ତେଣୁ କଥାରେ ଅଛି ଶହେ କାମ ଛାଡି ଭୋଜନ କର । ଖାଦ୍ୟ ଖାଇଲେ ହିଁ ଆମ ଶରୀର ପୋଷଣ ପାଇଥାଏ। କିନ୍ତୁ ଖାଦ୍ୟ ଆମେ ଭୋକ ଲାଗିଲେ ଖାଉ ଏବଂ ଲୋଭରେ ବି ଖାଉ। ଲୋଭରେ ଖାଇଲେ ତାହା ଆମର ପୁଷ୍ଟି ସାଧନ ନ କରି ଅହିତ କରିଥାଏ। ସୁତରାଂ ଭୋକ ଲାଗିଲେ ହିଁ ଖାଇବା ଉଚିତ। ଭୋକ ନ ଥାଇ ଖାଦ୍ୟ ଲୋଭରେ ଖାଇବା ଉଚିତ ନୁହେଁ। ପୁଣି ଖାଦ୍ୟ ଖାଇବାର ଗୋଟିଏ ନିର୍ଦ୍ଦିଷ୍ଟ ସମୟ ରହିବା ଉଚିତ। ଯେତେବେଳେ ଇଚ୍ଛା ସେତେବେଳେ ଖାଇବା ଏବଂ ବିଳମ୍ବିତ ରାତିରେ ଖାଇବା ଉଚିତ ନୁହେଁ। ଆୟୁର୍ବେଦ ଶାସ୍ତ୍ର ମତରେ ସକାଳର ଖାଇବାଟା ରାଜକୀୟ ଭୋଜନ ପରି ଗରିଷ୍ଠ ହେବା ଉଚିତ। ମଧ୍ୟାହ୍ନଭୋଜନ ତା'ଠୁ ହାଲୁକା ଏବଂ ସନ୍ଧ୍ୟାକାଳୀନ ଭୋଜନ ସବୁଠୁ ହାଲୁକା ହେବା ଉଚିତ। ବିଳମ୍ବିତ ରାତିରେ ଆଦୌ ଖାଇବା ଉଚିତ ନୁହେଁ। ରାତିରେ ଶୋଇବା ପୂର୍ବରୁ ଆପଣ ଛୋଟ କାଚ ଗ୍ଲାସ୍‌ରେ ଏକ ଗ୍ଲାସ୍ ଦେଶୀ ଗାଈ କ୍ଷୀର ପିଇ ଶୋଇପାରିବେ। କିନ୍ତୁ କ୍ଷୀର ପିଇସାରି କୁଳି କରିବା ନିହାତି ଆବଶ୍ୟକ, ନ ହେଲେ ଦାନ୍ତ ପୋକ ଖାଇବ। ବିଳମ୍ବିତ ରାତିରେ ବା ମଧ୍ୟରାତ୍ରିରେ ଯେଉଁମାନେ ?ଭୋଜନ କରନ୍ତି ତାକୁ ରାକ୍ଷସୀ ଭୋଜନ କୁହାଯାଏ। ସ୍ନାନ, ଦାନ, ଭୋଜନ ଓ ଭଜନ- ଏ ଚାରିଟି ଆମ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାକୁ ପ୍ରତ୍ୟହ ନିର୍ଦ୍ଦିଷ୍ଟ ସମୟରେ କରିବା ଉଚିତ। ଶାସ୍ତ୍ରରେ ଅଛି-

''ଶତଂ ବିହାୟ ଭୋକ୍ତବ୍ୟଂ ସହସ୍ରଂ ସ୍ନାନମାଚରତ୍।
ଲକ୍ଷଂ ବିହାୟ ଦାତବ୍ୟଂ କୋଟିଂ ତ୍ୟକ୍ତ୍ୱା ହରିଂ ଭଜେତ୍।।''
(ସୁଭାଷିତ)

ଅର୍ଥାତ୍, ଶହେ କାମ ଛାଡି ଭୋଜନ କର, ହଜାରେ କାମ ଛାଡି ସ୍ନାନ କର, ଲକ୍ଷେ କାମ ଛାଡି ଦାନ କର ଏବଂ କୋଟିଏ କାମ ଛାଡି ହରିଙ୍କୁ ଭଜନ କର।

ଶହେ କାମ ଛାଡ଼ି ଭୋଜନ କର, ମାନେ ଯଦି ଭୋଜନର ସମୟ ହୋଇଯାଇଛି ଓ ଭୋକ ହେଉଛି, ତେବେ ଅନ୍ୟ ସବୁ କାମ ଛାଡ଼ି ଆଗେ ଭୋଜନ କରିବା ଉଚିତ। କାରଣ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କଲେ ତାହା ଆମ ଦେହର ଅଭ୍ୟାସଗତ ହୋଇଯାଇଥାଏ। ସେଥିରେ ବିଳମ୍ବ ବା ଅନିୟମିତତା ହେଲେ ଆମ ହଜମ ଶକ୍ତି ଉପରେ ପ୍ରଭାବ ପଡ଼େ। ଖାଦ୍ୟ ହଜମ କରିବା ପାଇଁ ଆମ ଶରୀରରେ ଏକ ପ୍ରକାର ଅମ୍ଳ ସୃଷ୍ଟି ହୁଏ, ଯାହାକୁ ଇଂରାଜୀରେ କୁହାଯାଏ ହାଇଡ୍ରୋକ୍ଲୋରିକ୍ ଏସିଡ୍ ବା ଲବଣାମ୍ଳ। ପେଟ ଯଦି ଦୀର୍ଘ ସମୟ ଧରି ଖାଲି ରହେ ଏବଂ ଏହା ଦିନ ଦିନ ଧରି ଘଟେ, ତେବେ ସେହି ଅମ୍ଳ ଆମର ଅନ୍ତନଳୀର ମ୍ୟୁକସ୍ ମେମ୍ବ୍ରେନକୁ ଖାଇଯାଏ। ଫଳରେ ପେଟରେ ଘାଆ ସୃଷ୍ଟି ହୁଏ, ଯାହାକୁ ଷ୍ଟୋମାକ୍ ଅଲ୍‌ସର କୁହାଯାଏ। ଶୀଘ୍ର ଚିକିତ୍ସା ନ କଲେ ତାହା ମାରାତ୍ମକ ହୋଇପାରେ। ତେଣୁ ନିୟମିତଭାବେ ଠିକ୍ ସମୟରେ ଖାଇବା ଉଚିତ। ପୁଣି ଖାଦ୍ୟ ତ ଆମକୁ କାମ କରିବା ପାଇଁ ବଳ ଯୋଗାଇଥାଏ। ଆମେ ଖାଇବାନି ଯଦି ଅନ୍ୟସବୁ କାମ କରିବା ପାଇଁ ବଳ ପାଇବା କିପରି ? ତେଣୁ ଶହେ କାମ ଛାଡ଼ି ଆଗ ଖାଇବା ପାଇଁ ପରାମର୍ଶ ଦିଆଯାଇଛି।



# ଝିଟିପିଟିକୁ ଏମିତି ବାହାର କରନ୍ତୁ

ପାଗ ପରିବର୍ତ୍ତନ ହେବା ମାତ୍ରେ ଘରର କାନ୍ଥରେ ଝିଟିପିଟି ବୁଲୁଥିବାର ଦେଖାଯାଏ। କେତେବେଳେ ବାଥରୁମରେ ଏବଂ କେତେବେଳେ ରୋଷେଇ ଘର ଏବଂ ଶୟନ କକ୍ଷର କାନ୍ଥରେ ଦେଖାଯାଉଥିବା ଝିଟିପିଟି କେବଳ ଭୟ ସୃଷ୍ଟି କରେ ନାହିଁ ବରଂ ସ୍ୱାସ୍ଥ୍ୟ ପାଇଁ ବିପଦ ମଧ୍ୟ ହୋଇପାରେ। ପ୍ରକୃତରେ, ଝିଟିପିଟିର ମଳ ଏବଂ ଲାଳରେ ସାଲମୋନେଲା ନାମକ ଏକ ବ୍ୟାକ୍ଟେରିଆ ମିଳିଥାଏ, ଯାହା ଖାଦ୍ୟକୁ ବିଷାକ୍ତ ସୃଷ୍ଟି କରିପାରେ। ଏପରି ପରିସ୍ଥିତିରେ, ସେମାନଙ୍କୁ ଘରୁ ଦୂରରେ ରଖିବା ଭଲ।

ଝିଟିପିଟି ଦୂର କରିବା ପାଇଁ ଲୋକମାନେ ପ୍ରାୟତଃ ରାସାୟନିକ ସ୍ପ୍ରେ ବ୍ୟବହାର କରନ୍ତି, କିନ୍ତୁ ଏହା ସ୍ୱାସ୍ଥ୍ୟ ଏବଂ ପିଲାମାନଙ୍କ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ। ଏପରି ପରିସ୍ଥିତିରେ, ରୋଷେଇ ଘରେ ଥିବା ମସଲା ଏବଂ କିଛି ଘରୋଇ ଉପଚାର ସାହାଯ୍ୟରେ ଝିଟିପିଟିକୁ ବିନା କୌଣସି ଖର୍ଚ୍ଚରେ ଘଉଡ଼ାଇ ଦିଆଯାଇପାରିବ।

ଅଣ୍ଡା ଖୋଳ - ଘରେ ଯେଉଁ ସ୍ଥାନରେ ଝିଟିପିଟି ଅଧିକ ଆସନ୍ତି ସେଠାରେ ଅଣ୍ଡା ଖୋଳ ରଖନ୍ତୁ। ଝିଟିପିଟି ଏହାର ଗନ୍ଧ ଯୋଗୁଁ ସେହି ସ୍ଥାନରୁ ଦୂରେଇ ଯାଆନ୍ତି।

ନାପଥାଲିନ୍ ବଟିକା - କୀଟପତଙ୍ଗଠାରୁ ପୋଷାକକୁ ସୁରକ୍ଷା ଦେଉଥିବା ଏହି ବଟିକା ମଧ୍ୟ ଝିଟିପିଟିକୁ ପାଖକୁ ଆସିବାକୁ ଦିଏ ନାହିଁ। ଏପରି ପରିସ୍ଥିତିରେ, ଆପଣ ଏହି ବଟିକାଗୁଡ଼ିକୁ ଆଲମାରୀରେ କିମ୍ବା ଉଚ୍ଚ ସ୍ଥାନରେ ରଖିପାରିବେ, ଯାହା ଫଳରେ ଘରେ ଝିଟିପିଟି ଦେଖାଯିବ ନାହିଁ।

କଳା ଗୋଲମରିଚ ସ୍ପ୍ରେ - ଆପଣ କଳାମରିଚକୁ ଗୁଣ୍ଡ କରି ପାଣିରେ ମିଶାଇ ଏକ ସ୍ପ୍ରେ ତିଆରି କରିପାରିବେ। ଏହା ପରେ, ଆପଣ ଯେଉଁଠାରେ ଝିଟିପିଟି ଦେଖନ୍ତି ସେଠାରେ ସ୍ପ୍ରେ କରନ୍ତୁ। ଝିଟିପିଟି ଏହାର ଗନ୍ଧ ଏବଂ ଜ୍ୱଳନ ଯୋଗୁଁ ପଳାଇଯାଏ।

ରସୁଣ ଏବଂ ପିଆଜ - ଝିଟିପିଟି ରସୁଣ ଏବଂ ପିଆଜର ତୀବ୍ର ଗନ୍ଧକୁ ଆଦୌ ପସନ୍ଦ କରନ୍ତି ନାହିଁ। ରସୁଣ ପାଖୁଡାକୁ କବାଟ ଏବଂ ଝରକାରେ ରଖନ୍ତୁ କିମ୍ବା ଆପଣ ପିଆଜ-ରସୁଣ ସ୍ପ୍ରେ ପ୍ରସ୍ତୁତ କରି ପକାଇପାରିବେ, ଯାହା ଦ୍ୱାରା ଘରେ ଝିଟିପିଟି ଦେଖାଯିବ ନାହିଁ।

ଡାଲଚିନି ଏବଂ ଲେମ୍ବୁ ପୁଦିନା - ଡାଲଚିନି ପାଉଡର କିମ୍ବା ଏହାର ତେଲ ଝିଟିପିଟିକୁ ଦୂରେଇ ରଖେ। ଅନ୍ୟପକ୍ଷରେ, ଲେମ୍ବୁ ଏବଂ ପୋଦିନା ରସ ସ୍ପ୍ରେ କରିବା ଦ୍ୱାରା ମଧ୍ୟ ଝିଟିପିଟି ଘରୁ ଦୂରେଇ ରହେ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୬ ସେପ୍ଟେମ୍ବର ୨୦୨୫, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତୀୟ ରାଜନୀତିରେ ବୟସ୍କଙ୍କ ଆଧିପତ୍ୟ

ଭାରତୀୟ ରାଜନୀତିରେ ବୟସ୍କ ନେତାଙ୍କ ବଢୁଥିବା ପ୍ରଭାବ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି । ନିକଟରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ବୟସଜନିତ ସ୍ୱାସ୍ଥ୍ୟ ସମସ୍ୟା ଦର୍ଶାଇ ପଦରୁ ଇସ୍ତଫା ଦେବା ପରେ ଏହି ବିତର୍କ ଅଧିକ ତୀବ୍ର ହୋଇଛି । ଏହା ସହିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟ ମୋହନ ଭାଗବତଙ୍କ ୭୫ ବର୍ଷ ବୟସରେ ନେତାମାନେ ଅବସର ନେବା ଉଚିତ୍ ବୋଲି ଦେଇଥିବା ପରାମର୍ଶ ଏହି ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛି । ଭାରତୀୟ ଜନତା ପାର୍ଟିର ୭୫ ବର୍ଷର ଅଘୋଷିତ ବୟସ ସୀମା, ଯାହା 'ମାର୍ଗଦର୍ଶକ ମଣ୍ଡଳ' ଗଠନ ମାଧ୍ୟମରେ ପ୍ରତୀକାତ୍ମକ ଭାବେ ଦଳର ଏକ ଅବସର ପ୍ରକୋଷ୍ଠ ଭାବେ ପରିଗଣିତ ହୁଏ, ରାଜନେତାମାନେ କେବେ ନିଜର କାର୍ଯ୍ୟକାଳ ସମାପ୍ତ କରିବା ଉଚିତ୍ ସେହି ପ୍ରଶ୍ନକୁ କେନ୍ଦ୍ରରେ ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୫ ବର୍ଷ ଅତିକ୍ରମ କରିବା ସତ୍ତ୍ୱେ କାର୍ଯ୍ୟଭାର ସମ୍ଭାଳୁଛନ୍ତି, ଯାହା ରାଜନୀତିରେ ଅବସରର କୌଣସି ସ୍ପଷ୍ଟ ନିୟମ ନଥିବା ଦର୍ଶାଉଛି ।

ରାଜ୍ୟ ସ୍ତରରେ ମଧ୍ୟ ଏହି ପ୍ରସଙ୍ଗ ସମାନ ଭାବେ ପ୍ରାସଙ୍ଗିକ । ବିହାର ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବୟସ ଓ ସ୍ୱାସ୍ଥ୍ୟ ଏକ ପ୍ରମୁଖ ଆଲୋଚନାର ବିଷୟ ପାଲଟିଛି । ସାର୍ବଜନୀନ କାର୍ଯ୍ୟକ୍ରମରେ ତାଙ୍କର କେତେକ ଅସଙ୍ଗତ ବକ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ନେବା ଏବଂ ନିଜର କର୍ତ୍ତବ୍ୟକୁ ପ୍ରଭାବଶାଳୀ ଢଙ୍ଗରେ ପାଳନ କରିବାରେ ତାଙ୍କର ଦକ୍ଷତା ଉପରେ ସନ୍ଦେହ ସୃଷ୍ଟି କରିଛି । ଏହା ତାଙ୍କର ପ୍ରାରମ୍ଭିକ କାର୍ଯ୍ୟକାଳରେ ଗଢ଼ି ଉଠିଥିବା 'ସୁଶାସନ ବାବୁ'ଙ୍କ ଛବିର ସମ୍ପୂର୍ଣ୍ଣ ବିପରୀତ। ବାସ୍ତବରେ, 'ଜେରୋଣ୍ଟୋକ୍ରାସି' ବା ବୟସ୍କଙ୍କ ଶାସନ, ଯାହା ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କ ଏକ ଗୋଷ୍ଠୀ ବା ପରିଷଦ ଦ୍ୱାରା ଶାସନ ଭାବେ ପରିଭାଷିତ, ବିଶ୍ୱ ଗଣତନ୍ତ୍ରର ଆଲୋଚନାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ପାଲଟିଛି। ୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବୟସ ଏକ ପ୍ରମୁଖ ପ୍ରସଙ୍ଗ ଥିଲା । ଆମେରିକା ଇତିହାସର ସବୁଠାରୁ ବୟସ୍କ ରାଷ୍ଟ୍ରପତି ଜୋ ବାଇଡେନ୍ ୮୨ ବର୍ଷ ବୟସରେ କାର୍ଯ୍ୟକାଳ ଶେଷ କରିଥିବାବେଳେ, ତାଙ୍କ ଉତ୍ତରାଧିକାରୀ ଡୋନାଲ୍ଡ ଟ୍ରମ୍ପ ୭୮ ବର୍ଷ ୨୨୦ ଦିନ ବୟସରେ ଶପଥ ଗ୍ରହଣ କରି ସବୁଠାରୁ ବୟସ୍କ ରାଷ୍ଟ୍ରପତି ଭାବେ ରେକର୍ଡ ସୃଷ୍ଟି କରିଛନ୍ତି । ସେହି ବର୍ଷ, ଯାହାକୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ପାଇଁ 'ଗଣତନ୍ତ୍ରର ବର୍ଷ' ଭାବେ ପାଳନ କରାଯାଇଥିଲା, ସେଥିରେ ବ୍ରାଜିଲର ରାଷ୍ଟ୍ରପତି ଲୁଲା ଡା ସିଲଭା (୭୯), ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ (୭୫) ଏବଂ ନରେନ୍ଦ୍ର ମୋଦୀ (୭୪)ଙ୍କ ଭଳି ଅନେକ ବୟସ୍କ ନେତା କ୍ଷମତାକୁ ଆସିଥିଲେ ।

ଭାରତର ପ୍ରଧାନମନ୍ତ୍ରୀମାନଙ୍କ ବୟସର ବିଶ୍ଳେଷଣ କଲେ ଏକ କ୍ରମାଗତ ବୃଦ୍ଧି ପରିଲକ୍ଷିତ ହୁଏ । ୧୯୪୭ରେ ସ୍ୱାଧୀନତା ସମୟରେ ଜବାହରଲାଲ ନେହେରୁ ୫୮ ବର୍ଷ ବୟସରେ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କ କାର୍ଯ୍ୟକାଳ ସମୟରେ ବୟସର ମଧ୍ୟମା (median) ୬୬ ଥିଲା । ୨୦୧୪ ସୁଦ୍ଧା, ନରେନ୍ଦ୍ର ମୋଦୀ ୬୩ ବର୍ଷ ବୟସରେ କାର୍ଯ୍ୟଭାର ଗ୍ରହଣ କଲେ ଏବଂ ପ୍ରଧାନମନ୍ତ୍ରୀମାନଙ୍କ ବୟସର ମଧ୍ୟମା ୭୬କୁ ବୃଦ୍ଧି ପାଇଥିଲା । ଏହି ପରିସର ବ୍ୟାପକ ରହିଛି: ରାଜୀବ ଗାନ୍ଧୀ ୪୦ ବର୍ଷ ବୟସରେ ସବୁଠାରୁ କନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଥିବାବେଳେ, ମୋରାରଜୀ ଦେଶାଇ ୮୧ ବର୍ଷ ବୟସରେ ସବୁଠାରୁ ବୟସ୍କ ପ୍ରଧାନମନ୍ତ୍ରୀ ଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନେହେରୁ ୧୯୬୪ରେ ୭୪ ବର୍ଷ ବୟସରେ କାର୍ଯ୍ୟରତ ଥିବାବେଳେ ମୃତ୍ୟୁବରଣ କରିଥିଲେ, ଯେତେବେଳେ କି ମୋଦୀଙ୍କ ପୂର୍ବରୁ ଶେଷ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ୨୦୧୪ରେ ୮୧ ବର୍ଷ ବୟସରେ ପଦ ଛାଡ଼ିଥିଲେ। ଭାରତର ଇତିହାସରେ ପ୍ରଧାନମନ୍ତ୍ରୀମାନଙ୍କ ବୟସର ମଧ୍ୟମା ପ୍ରାୟ ୬୭ ବର୍ଷ ରହିଆସିଛି ।

ଏହାର ତୁଳନାରେ, ମୁଖ୍ୟମନ୍ତ୍ରୀମାନଙ୍କ ବୟସର ମଧ୍ୟମା ୧୯୫୦ ଦଶକରେ ୫୭ରୁ ୨୦୨୦ ଦଶକରେ ୫୯.୫କୁ ସାମାନ୍ୟ ବୃଦ୍ଧି ପାଇଛି, ଯେଉଁଥିରେ ୨୦୧୦-୨୦୨୦ ଦଶକରେ ଏହା ସର୍ବାଧିକ ୬୨.୨୫ରେ ପହଞ୍ଚିଥିଲା । ଆଞ୍ଚଳିକ ବନାମ ଜାତୀୟ ଦଳ ଏବଂ ଜାତୀୟ ଦଳ ମଧ୍ୟରେ କଂଗ୍ରେସ ଓ ବିଜେପି ମଧ୍ୟରେ ବିଭାଜନ କଲେ ଏଥିରେ ନଗଣ୍ୟ ପାର୍ଥକ୍ୟ ଦେଖାଯାଏ, ଯେଉଁଠି ସବୁ ଦଳର ମୁଖ୍ୟମନ୍ତ୍ରୀମାନଙ୍କ ହାରାହାରି ବୟସ ପ୍ରାୟ ୫୮ ବର୍ଷ ରହିଛି । ନାୟବ ସିଂହ ସାଇନି, ମୋହନ ଯାଦବ ଏବଂ ଯୋଗୀ ଆଦିତ୍ୟନାଥଙ୍କ ଭଳି ଯୁବ ନେତାଙ୍କ ଉପସ୍ଥିତି ବିଜେପି ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରୁଥିବା ସୂଚାଇପାରେ, ବିଶେଷକରି ଯେତେବେଳେ ଏହାକୁ କଂଗ୍ରେସର 'ଗ୍ରାଣ୍ଡ ଓଲ୍ଡ ପାର୍ଟି' ଛବି ସହିତ ତୁଳନା କରାଯାଏ। ତେବେ, ଏହାର ବିଶ୍ଳେଷଣ ଦର୍ଶାଏ ଯେ ଦୁଇ ଦଳ ମଧ୍ୟରେ ହାରାହାରି ବୟସରେ ସର୍ବନିମ୍ନ ପାର୍ଥକ୍ୟ ରହିଛି । ସାଧାରଣତଃ, ସବୁ ଦଳରେ ଯୁବ ନିଯୁକ୍ତିଗୁଡ଼ିକ ପଞ୍ଜାବର ସ୍ୱର୍ଗତ ପ୍ରକାଶ ସିଂହ ବାଦଲ, କେରଳର ସ୍ୱର୍ଗତ ଭି.ଏସ୍. ଅଚ୍ୟୁତାନନ୍ଦନ ଏବଂ ତାମିଲନାଡୁର ସ୍ୱର୍ଗତ ଏମ୍. କରୁଣାନିଧିଙ୍କ ଭଳି ଅଭିଜ୍ଞ ନେତାଙ୍କ ଦ୍ୱାରା ଭରଣା ହୋଇଥାଏ, ଯେଉଁମାନେ ସମସ୍ତେ ନିଜର ୮୦ ଓ ୯୦ ଦଶକ ପର୍ଯ୍ୟନ୍ତ ସେବା କରିଥିଲେ ।

ଦଶନ୍ଧି ଦଶନ୍ଧି ଧରି ଲୋକସଭାର ବୟସ ପ୍ରୋଫାଇଲରେ ଏକ ସ୍ପଷ୍ଟ ପରିବର୍ତ୍ତନ ଘଟିଛି, ଯେଉଁଥିରେ ଗତ ବର୍ଷ ଆରମ୍ଭ ହୋଇଥିବା ୧୮ତମ ଲୋକସଭା ଏପର୍ଯ୍ୟନ୍ତର 'ସବୁଠାରୁ ବୟସ୍କ' ଅଟେ । ସାଂସଦମାନଙ୍କର ହାରାହାରି ବୟସ ୧୯୫୨ରେ ୪୬.୫ ବର୍ଷରୁ ୨୦୧୪ ସୁଦ୍ଧା ୫୬ ବର୍ଷକୁ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ, ଯୁବ ସଦସ୍ୟ (୨୫-୪୦ ବର୍ଷ)ଙ୍କ ଅଂଶ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ପ୍ରାୟ ୨୫-୩୦%ରୁ ତୀବ୍ର ଭାବେ ହ୍ରାସ ପାଇ ୧୦%ରୁ କମ୍ ହୋଇଯାଇଛି । ଏହାର ବିପରୀତରେ, ୫୬-୭୦ ବର୍ଷ ବୟସର ସଦସ୍ୟଙ୍କ ଅଂଶ ୨୫%ରୁ କମ୍ ଥିବାବେଳେ ୨୦୧୯ ସୁଦ୍ଧା ଏହା ପ୍ରାୟ ୪୦%କୁ ବୃଦ୍ଧି ପାଇଛି । ଏହି ତଥ୍ୟ ସ୍ପଷ୍ଟ କରେ ଯେ ଭାରତର ସଂସଦ ବୟସ୍କ ହେବାରେ ଲାଗିଛି, ଏବଂ ସମୟକ୍ରମେ କମ୍ ସଂଖ୍ୟକ ଯୁବ ରାଜନେତା ସଂସଦରେ ପ୍ରବେଶ କରୁଛନ୍ତି ।

ଯଦି ଆମେ ଜଣେ ସାଧାରଣ ଭାରତୀୟଙ୍କୁ ବାଛିବା, ତେବେ ୫୦% ସମ୍ଭାବନା ଅଛି ଯେ ସେମାନେ ୩୦ ବର୍ଷରୁ କମ୍ ବୟସର ହୋଇଥିବେ । ତେବେ, ଯଦି ଆମେ ଲୋକସଭାର ଜଣେ ସଦସ୍ୟଙ୍କ ପାଇଁ ଏହା କରିବା, ତେବେ ଏହି ସମ୍ଭାବନା ୦.୦୦୭% ଅଟେ । ଏହି ପରିସଂଖ୍ୟାନ ଭାରତୀୟ ଗଣତନ୍ତ୍ରର ଏକ ଚିନ୍ତାଜନକ ଦିଗକୁ ଉନ୍ମୋଚିତ କରୁଛି । ଯେଉଁ ଦେଶର ଜନସଂଖ୍ୟାର ଏକ ବଡ଼ ଅଂଶ ଯୁବକ, ସେଠାରେ ନୀତି ନିର୍ଦ୍ଧାରଣ କରୁଥିବା ସଂସ୍ଥାରେ ସେମାନଙ୍କର ପ୍ରତିନିଧିତ୍ୱ ନଗଣ୍ୟ ହେବା ଏକ ବିଡ଼ମ୍ବନା । ଯୁବ ପିଢ଼ିର ଆଶା, ଆକାଂକ୍ଷା ଏବଂ ସମସ୍ୟାଗୁଡ଼ିକୁ ବୟସ୍କ ନେତାମାନେ କେତେଦୂର ବୁଝିପାରିବେ ଏବଂ ସେଗୁଡ଼ିକର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେଇପାରିବେ, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଡିଜିଟାଲ ଯୁଗ, ଜଳବାୟୁ ପରିବର୍ତ୍ତନ, ଏବଂ ନୂତନ ଅର୍ଥନୈତିକ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଯେଉଁ ନୂତନ ଦୃଷ୍ଟିକୋଣ ଏବଂ ଶକ୍ତିର ଆବଶ୍ୟକତା ରହିଛି, ତାହା ଏହି ବୟସ୍କ ନେତୃତ୍ୱ ଦ୍ୱାରା ପୂରଣ ହୋଇପାରିବ କି ନାହିଁ, ତାହା ସମୟ କହିବ ।

ଏହି ସମସ୍ୟାର ସମାଧାନ ପାଇଁ ରାଜନୈତିକ ଦଳଗୁଡ଼ିକୁ ଯୁବପିଢ଼ିଙ୍କୁ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ ପାଇଁ ଅଧିକ ସୁଯୋଗ ଦେବାକୁ ପଡ଼ିବ । ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବା ଏବଂ ଯୁବକମାନଙ୍କ ପାଇଁ ରାଜନୀତିକୁ ଏକ ଆକର୍ଷଣୀୟ କ୍ୟାରିୟର ଭାବରେ ଉପସ୍ଥାପନ କରିବା ମଧ୍ୟ ଜରୁରୀ । ଯଦି ଭାରତର ଯୁବ ଶକ୍ତିକୁ ଦେଶର ଭାଗ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରାନଯାଏ, ତେବେ ଏହି ଜନସାଂଖ୍ୟିକ ଲାଭାଂଶ ଏକ ବୋଝରେ ପରିଣତ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ । ଭାରତର ଭବିଷ୍ୟତ ଏହାର ଯୁବପିଢ଼ିଙ୍କ ହାତରେ ନ୍ୟସ୍ତ, ଏବଂ ସେମାନଙ୍କୁ ଦେଶର ନେତୃତ୍ୱ ନେବାର ସୁଯୋଗ ଦେବା ହିଁ ସମୟର ଆହ୍ୱାନ।

# ମିଥ୍ୟା ରାଷ୍ଟ୍ରବାଦର କୁପରିଣତି



## ଅଧ୍ୟାପକ ଗୋପବନ୍ଧୁ

ରାଷ୍ଟ୍ରବାଦ ଏକ ଉନ୍ନତ ଗୁଣାତ୍ମକ ଚିନ୍ତନ। ଏହା ଏପରି ଏକ ଜାତୀୟ ଭାବନା ଯାହା ଗୋଟିଏ ରାଷ୍ଟ୍ରକୁ ସର୍ବୋଚ୍ଚ ସୋପାନରେ ପହଞ୍ଚାଇବା ପାଇଁ ପ୍ରେରଣା ଯୋଗାଏ। ପରସ୍ପରକୁ ସମ୍ମାନ, ସମସ୍ତ ଗୋଷ୍ଠୀ ଓ ସମ୍ପ୍ରଦାୟର ମଧ୍ୟରେ ସହାବସ୍ଥାନ, ମାନବୀୟ ମୂଲ୍ୟବୋଧର ବିକାଶ ଓ ଶ୍ରେଷ୍ଠତା ପ୍ରାପ୍ତି ଦିଗରେ ସାମୂହିକ ଜାଗୃତି ହିଁ ରାଷ୍ଟ୍ରବାଦ ଅଟେ। ସେହିଁ ପ୍ରକୃତ ରାଷ୍ଟ୍ରବାଦୀ ଯିଏ ଏ ସମସ୍ତର ଅନୁଗାମୀ। ରାଷ୍ଟ୍ରବାଦୀ ହେବା ଏକ ସାଧନା। ସମସ୍ତ କ୍ଷେତ୍ରରେ ନାକାରାତ୍ମକ ଭାବନାର ପରିତ୍ୟାଗ ଓ ସାକାରାତ୍ମକ ଭାବନାରେ ଉଦବୁଦ୍ଧ ହେବା ରାଷ୍ଟ୍ରବାଦର ମୂଳ ଆଧାର। ସ୍ୱଚ୍ଛ ରାଷ୍ଟ୍ରବାଦ ନା ଆଭ୍ୟନ୍ତରିଣ ହିଂସାକୁ ପ୍ରୋତ୍ସାହିତ କରେ ନା ଆନ୍ତର୍ଜାତୀୟ ହିଂସା ଓ ପ୍ରତିହିଂସାକୁ ଉତ୍ସାହିତ କରେ। ବରଂ ଏହା ସାମାଜିକ ସଂହତି ଓ ଆନ୍ତର୍ଜାତିକ ଶାନ୍ତି ସ୍ଥାପନକୁ ଗୁରୁତ୍ୱ ଦିଏ। ରାଷ୍ଟ୍ର କହିଲେ କେବଳ ଏହାର ସାର୍ବଭୌମତ୍ୱକୁ ବୁଝାଏ ନାହିଁ। ଏହା ସହିତ ସାମାଜିକ ସ୍ଥିତି, ରାଜନୈତିକ ପରିବେଶ, ବ୍ୟକ୍ତିବିଶେଷଙ୍କ ଆଭିମୁଖ୍ୟ ଏବଂ ସର୍ବୋପରି ରାଷ୍ଟ୍ର ରୂପକ ଗୋଟିଏ ଭୂଖଣ୍ଡରେ ବସବାସ କରୁଥିବା ଲୋକମାନଙ୍କ ଆଭିମୁଖ୍ୟ ଓ ମୌଳିକ ଚିନ୍ତନକୁ ବୁଝାଏ। ତେଣୁ ରାଷ୍ଟ୍ରବାଦ ଏ ସମସ୍ତର ସାମଗ୍ରୀକତାକୁ ଓ ଉନ୍ନତ ଚିନ୍ତନକୁ ବୁଝାଏ।

ଅନ୍ୟପକ୍ଷରେ ମିଥ୍ୟା ରାଷ୍ଟ୍ରବାଦ ଅତ୍ୟନ୍ତ ଭୟଙ୍କର। ଏହା ଗୋଟିଏ ରାଷ୍ଟ୍ରକୁ ଧ୍ୱଂସ ଆଡକୁ ଟାଣିନିଏ। ଏଥିରେ ମିଥ୍ୟାଚାର ଓ ଅନାଦର୍ଶକୁ ରାଷ୍ଟ୍ରବାଦର ମୁଖା ପିନ୍ଧାଯାଏ। ଅପପ୍ରଚାର ମାଧ୍ୟମରେ ଏଗୁଡ଼ିକୁ ସତ୍ୟ ଓ ଆଦର୍ଶ ରୂପରେ ଉପସ୍ଥାପିତ କରାଯାଏ। ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭାବାବେଗକୁ ବଢାଯାଏ। ସମାଜରେ ହିଂସାଭାବକୁ ଯୋଜନାବଦ୍ଧ ଭାବେ ରୋପଣ କରାଯାଏ। ସାମ୍ପ୍ରଦାୟିକ ହିଂସା ଓ ଜାତିଗତ ବିଦ୍ୱେଷକୁ ରାଜନୈତିକ ଅସ୍ତ୍ରଭାବେ ବ୍ୟବହାର କରାଯାଏ। ସାମାଜିକ ବିଶୃଙ୍ଖଳାରୁ ରାଜନୈତିକ ଫାଇଦା ନେବାର ପ୍ରୟାସ ହୁଏ। ସଂଖ୍ୟାଧିକଙ୍କ ମତକୁ ସଂଖ୍ୟାନ୍ୟୁନଙ୍କ ଉପରେ ଲଦାଯାଏ। ଏହାକୁହିଁ ରାଷ୍ଟ୍ରବାଦ ଆଖ୍ୟା ଦିଆଯାଏ। ସାଂସ୍କୃତିକ ଆନ୍ଦୋଳନ ନାମରେ ଅପସଂସ୍କୃତିକୁ ସ୍ଥାପନ କରାଯାଏ। ସମାନତା ପରିବର୍ତ୍ତେ ଅସମାନତାକୁ ଯୁକ୍ତିସଙ୍ଗତ କରଯାଏ। ବିଜ୍ଞାନ ବଦଳରେ ଅବୈଜ୍ଞାନିକ ଭାବନାକୁ ଆଗକୁ ବଢାଯାଏ। ନିଜକୁ ଏମାନେ ରାଷ୍ଟ୍ରଭକ୍ତ କହନ୍ତି। ଏମାନଙ୍କ ସହିତ ଯେଉଁମାନେ ଏକମତ ହୁଅନ୍ତି ନାହିଁ ତାଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଅନ୍ତି। ନିଜ ସପକ୍ଷରେ ଅନ୍ଧଭକ୍ତଙ୍କ ଫୌଜ ତିଆରି କରାଯାଏ। ଏମାନେ ମିଥ୍ୟା ରାଷ୍ଟ୍ରବାଦର ରକ୍ଷାକବଚ ବନନ୍ତି। ଏମାନଙ୍କ ଜରିଆରେ ଅନାଦର୍ଶକୁ ଆଦର୍ଶ ବୋଲି ପ୍ରଚାର କରଯାଏ। ଦେଶ ଏକଛତ୍ରବାଦୀ ଶାସନ ଆଡକୁ ଗତିକରେ।

ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧର କାରଣ ଥିଲା ମିଥ୍ୟା ରାଷ୍ଟ୍ରବାଦ। ଏହାରି ଜରିଆରେ ଜର୍ମାନୀରେ ନାଜିବାଦ ଓ ଇଟାଲିରେ ଫାଶିବାଦର ଆବିର୍ଭାବ ହୋଇଥିଲା। ଉଭୟ ଦେଶରେ ଉଗ୍ର ଜାତୀୟତାବାଦର ପ୍ରଚାର ମାଧ୍ୟମରେ ଯେଉଁ ରାଷ୍ଟ୍ରବାଦର ଉପସ୍ଥାପନ କରାଯାଇଥିଲା ତାହା ରାଷ୍ଟ୍ରବାଦର ସଠିକ ପରିଭାଷା ନଥିଲା। ଉଭୟ ରାଷ୍ଟ୍ରରେ ଧର୍ମକୁ ନେଇ ସୃଷ୍ଟି ହୋଇଥିବା ଗୋଷ୍ଠୀଗତ ଚେତନା ଉଗ୍ରରୂପ ଧାରଣ କରିଥିଲା। ଦୀର୍ଘ ଶତାବ୍ଦୀ ଧରି ଭାଇଚାରା ମଧ୍ୟରେ ବସବାସ କରିଆସୁଥିବା ଗୋଷ୍ଠୀମାନଙ୍କ ମଧ୍ୟରେ ତିକ୍ତତା ଦେଖାଦେଲା। ଦାକ୍ଷିଣପନ୍ଥୀ ନାଜି ସଂଗଠନ ତିଆରି ହେଲା। ଏମାନେ ପ୍ରଚାର କରିବା ଆରମ୍ଭ କଲେ ଏମାନେ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ। ଏମାନଙ୍କ ସଂସ୍କୃତି ଓ ପରମ୍ପରା ଉନ୍ନତ। ତେଣୁ ଦେଶରେ ଏମାନଙ୍କ ରାଜ ଚାଲିବ। ଅନ୍ୟମାନଙ୍କୁ ରଖାଇ ଦିଆଯିବ ନାହିଁ। ଏହା ରାଷ୍ଟ୍ରବାଦର ଭ୍ରାନ୍ତ ପରିଭାଷା ଥିଲା। କାରଣ ସ୍ୱଚ୍ଛ ରାଷ୍ଟ୍ରବାଦରେ ଗୋଷ୍ଠୀଗତ, ଜାତିଗତ ଓ ଧର୍ମଗତ ଶ୍ରେଷ୍ଠତାର କୌଣସି ସ୍ଥାନ ନାହିଁ। ସମାନତା, ଭାତୃତ୍ୱଭାବ ଓ ବ୍ୟକ୍ତି ସ୍ୱାତନ୍ତ୍ରତା ହେଉଛି ରାଷ୍ଟ୍ରବାଦର ଆଭୂଷଣ। ଜର୍ମାନ ଓ ଇଟାଲୀରେ ଏଗୁଡ଼ିକର ହନନ ହେଲା। ମିଥ୍ୟା ରାଷ୍ଟ୍ରବାଦ ଦେଶ ମଧ୍ୟରେ ସିମୀତ ରହିଲା ନାହିଁ। ଏହା ଆନ୍ତର୍ଜାତିକ ସ୍ତରକୁ ଚାଲିଗଲା ଯେତେବେଳେ ନାଜିମାନେ ଘୋଷଣା କଲେ ସେମାନେ ହେଉଛନ୍ତି ବିଶ୍ୱର ଶ୍ରେଷ୍ଠଜାତି, ତେଣୁ ସମଗ୍ର ବିଶ୍ୱକୁ ଶାସନ କରିବାର ଅଧିକାର ତାଙ୍କର ରହିଛି। ଦେଶ ମଧ୍ୟରେ ସଂଖ୍ୟାଲଘୁଙ୍କ ଉପରେ ଦମନ ଆରମ୍ଭ ହେଲା। ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରାଗଲା। ପଡୋଶୀ ରାଜ୍ୟଗୁଡ଼ିକୁ ଆକ୍ରମଣ କରି ଅଧିକାର କରି ନିଆଗଲା। ମିଥ୍ୟା ରାଷ୍ଟ୍ରବାଦ ଗଣତନ୍ତ୍ର ପାଇଁ ବିପଦ। କ୍ଷମତା ଦଖଲ ପାଇଁ ଏହା ଏକ ସହଜ ମାଧ୍ୟମ। ଏହା ମାଧ୍ୟମରେ ସାଧାରଣ ଜନତାଙ୍କୁ ଉନ୍ମାଦିତ କରି ସମର୍ଥନ ହାସଲ କରାଯାଇ ପାରେ। ଧର୍ମାନ୍ଧ, ଏକତରଫା ବିଚାରଯୁକ୍ତ, ଉନ୍ମାଦନାର ଶୀକାର ଓ ସଂକୀର୍ଣ୍ଣ ମାନସିକତାର ଲୋକମାନେ ସ୍ୱାର୍ଥ ହାସଲ ପାଇଁ ଏହାକୁ ଏକ ସହଜ ମାଧ୍ୟମ ଭାବେ ବ୍ୟବହାର କରନ୍ତି। ଏପରି ପଦକ୍ଷେପ ଗୋଟିଏ ରାଷ୍ଟ୍ରର ଅଶେଷ କ୍ଷତିସାଧନ କରେ। ଜର୍ମାନୀ ଓ ଇଟାଲୀରେ ଗଣତାନ୍ତ୍ରିକ ପ୍ରକ୍ରୀୟାର ଅନୁସରଣରେ ନିର୍ବାଚନ ମାଧ୍ୟମରେ ସରକାର ଗଠିତ ହୋଇଥିଲା। ଜର୍ମାନୀରେ ହିଟଲର ଓ ଇଟାଲିରେ ମୁସଲିନୀ ନିର୍ବାଚିତ ହୋଇ ରାଷ୍ଟ୍ରର ସର୍ବୋଚ୍ଚ ଶାସକ ହୋଇଥିଲେ। କିନ୍ତୁ ସେମାନେ ମିଥ୍ୟା ରାଷ୍ଟ୍ରବାଦର ଆଶ୍ରୟ ନେଇଥିଲେ। ତାଙ୍କ ରାଷ୍ଟ୍ରବାଦ ହିଂସା, ପ୍ରତିହିଂସା, ଆଧିପତ୍ୟବାଦ, ମାନବୀୟ ମୂଲ୍ୟବୋଧର ପରିପନ୍ଥୀ ଓ ଅନୈତିକତା ଉପରେ ପର୍ଯ୍ୟବେଶିତ ଥିଲା। ତେଣୁ ଏପରି ରାଷ୍ଟ୍ରବାଦର ସ୍ଥାୟିତ୍ୱ ଦୀର୍ଘସ୍ଥାୟୀ ହେଲାନାହିଁ। ଏପ୍ରକାର ରାଷ୍ଟ୍ରବାଦ ଧ୍ୱଂସାଭିମୁଖୀ ହେଲା। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଉଭୟ ରାଷ୍ଟ୍ର ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ମୁଖ୍ୟ ଖଳନାୟକ ଆଡଲ୍ଫ ହିଟଲର ଶେଷରେ ଆତ୍ମହତ୍ୟା କଲା। ମୁସୋଲିନୀଙ୍କୁ ନିଜ ଲୋକମାନେ ହତ୍ୟାକଲେ। ମିଥ୍ୟା ରାଷ୍ଟ୍ରବାଦର ଏହାହିଁ ଅନ୍ତିମ ପରିଣତି ହୁଏ।

ସମୟ ସମୟରେ ବିଭିନ୍ନ ରାଷ୍ଟ୍ରରେ ମିଥ୍ୟା ରାଷ୍ଟ୍ରବାଦର ଭାବନା ଅଙ୍କୁରିତ ହୁଏ। ବେଳେବେଳେ ଏମାନେ ଫାଙ୍କା ରାଷ୍ଟ୍ରବାଦର ସ୍ଲୋଗାନ ଦେଇ, ଉନ୍ମାଦନା ସୃଷ୍ଟିକରି କ୍ଷମତାକୁବି ଚାଲିଆସନ୍ତି। ପ୍ରାରମ୍ଭରେ ଜନସାଧାରଣ ଏହାକୁ ବୁଝି ପାରନ୍ତି ନାହିଁ। ବୁଝିବା ବେଳକୁ ଏମାନେ ଦେଶର ତଥା ସମାଜର ଅନେକ କ୍ଷତି କରିପକାନ୍ତି। ଆମ ଦେଶ ଭାରତରେ ମଧ୍ୟ ମିଥ୍ୟା ରାଷ୍ଟ୍ରବାଦୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ଦଳେ ସଂସ୍କୃତି ନାମରେ ଅପସଂସ୍କୃତିର ପ୍ରଚାର ଓ ପ୍ରସାର ଚଳାଇଛନ୍ତି। ବିଜ୍ଞାନ ବଦଳରେ ଅବୈଜ୍ଞାନିକ ଭାବନାକୁ ପ୍ରୋତ୍ସାହିତ କରୁଛନ୍ତି। ସାଂସ୍କୃତିକ ଆନ୍ଦୋଳନ ନାମରେ ସଂଖ୍ୟାନ୍ୟୁନଙ୍କ ଉପରେ ଅତ୍ୟାଚାର ବଢୁଛି। ସମାଜରେ ବିଭେଦ ସୃଷ୍ଟି କରାଯାଉଛି। ହିଂସା ଓ ପ୍ରତିହିଂସାକୁ ବଢାଯାଉଛି। ଧାର୍ମିକ ଉନ୍ମାଦନା ତିଆରି ହେଉଛି। ସମାନତା ବଦଳରେ ଅସମାନତାକୁ ଯୁକ୍ତିସଂଗତ କରିବାର ପ୍ରୟାସ ହେଉଛି। ଏହା ଉପରେ ଧର୍ମ ଓ ପରମ୍ପରାର ଲେପ ଲଗାଯାଉଛି। ମିଥ୍ୟାକୁ ସତ୍ୟ ରୂପରେ ଉପସ୍ଥାପନ ହେଉଛି। ଯୁକ୍ତିଯୁକ୍ତତା, ମାନବିକତା, ନୈତିକତା ପ୍ରଭୃତି ମାନବୀୟ ଗୁଣକୁ ଲୋପ କରିଦେବାର ବ୍ୟବସ୍ଥା ହେଉଛି। ଦେଶକୁ ଏକଛତ୍ରବାଦୀ ଶାସନ ଆଡକୁ ଟାଣିନିଆ ହେଉଛି।

ମିଥ୍ୟା ରାଷ୍ଟ୍ରବାଦ ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଘୋର ବିପଦ। ଏଥିପାଇଁ ସର୍ବଦା ସତର୍କ ରହିବାକୁ ହେବ। ଏହାକୁ ପ୍ରତିହତ କାରିବାକୁ ପଡିବ। ଆମକୁ ଜର୍ମାନୀ ଓ ଇଟାଲିର ମିଥ୍ୟା ରାଷ୍ଟ୍ରବାଦର ପରିଣତିକୁ ମନେ ରଖିବାକୁ ହେବ। ପ୍ରକୃତ ରାଷ୍ଟ୍ରବାଦର ଅନୁଗାମୀ ହେବାକୁ ହେବ।

+ବାରିପଦା, ମୟୂରଭଞ୍ଜ,
ମୋ:୭୦୦୮୯୭୬୧୮୦

# ଆତ୍ମଘୋଷିତ ଜ୍ଞାନୀ



## ଦିପ୍ତିମୟୀ ନାୟକ

ଆମ ସମାଜରେ ଜ୍ଞାନୀ ଲୋକଙ୍କ ଅଭାବ ନାହିଁ । କିଏ ଜ୍ଞାନ ବାଣ୍ଟି ଜ୍ଞାନୀ ତ ଆଉ କିଏ ବିନା ଜ୍ଞାନରେ ନିଜକୁ ଆତ୍ମଘୋଷିତ ଜ୍ଞାନୀ । ସତ କହିବାକୁ ଗଲେ ଜ୍ଞାନୀ ଲୋକମାନେ ନିଜ ଜ୍ଞାନକୁ ନେଇ କେବେ ଗର୍ବ କରନ୍ତିନି ହେଲେ ଆତ୍ମଘୋଷିତ ଜ୍ଞାନୀମାନେ ନିଜ ମନରେ ପ୍ରବଳ ଗର୍ବ ଅହଂକାର ରଖି ଅନ୍ୟକୁ ମୂର୍ଖ, ଅଶିକ୍ଷିତ ଭାବି ନିଜକୁ ମହାଜ୍ଞାନୀ ବୋଲି ଭାବିଥାଆନ୍ତି । ଏମାନଙ୍କ ଆଚରଣକୁ ଦେଖିଲେ ହିଂସ୍ର ଜନ୍ତୁଙ୍କ ଠାରୁ ଆହୁରି ଭୟଙ୍କର ଆଚରଣ ଭଳିଲାଗେ । ଏମାନଙ୍କ ମନରେ ଅନ୍ୟ ପ୍ରତି ହିଂସା, ଇର୍ଷାଭାବ ଖୁନ୍ଦି ହୋଇକି ରହିଥାଏ । ଏମାନଙ୍କୁ ପ୍ରାୟ ଲୋକ ପସନ୍ଦ କରନ୍ତିନି । ଏମାନେ ଅନ୍ୟ ମାନଙ୍କ ପାଇଁ ଅନେକ ସମୟରେ ବହୁତ ବଡ ସମସ୍ୟା ହୋଇ ଠିଆ ହୋଇଥାଆନ୍ତି । ପ୍ରକୃତ ଜ୍ଞାନୀ କେବେ ସମାଲୋଚନାର ଶିକାର ହୁଏନାହିଁ କିନ୍ତୁ ଆତ୍ମଘୋଷିତ ଜ୍ଞାନୀ ଅନେକ ସମୟରେ ସମାଲୋଚନାର ଶିକାର ହୋଇ ମଧ୍ୟ ନିଜକୁ ମହାଜ୍ଞାନୀ ବୋଲି ଦାବି କରିଥାଆନ୍ତି ।


ତେବେ ଆପଣ ଭାବୁଥିବେ ଆତ୍ମଘୋଷିତ ଜ୍ଞାନୀମାନେ ଅନେକ ସମୟରେ କାହିଁକି ପ୍ରଶଂସା ପାଆନ୍ତି । ଏହାର ପ୍ରମୁଖ କାରଣ ହେଉଛି ସେମାନେ ପ୍ରତ୍ୟେକ କଥାକୁ ଅତିରଞ୍ଜିତ କରି କହିବା ଶୈଳୀ ଜାଣନ୍ତି । ଅନ୍ୟକୁ ହାତ ମୁଠାରେ କିପରି ନଚେଇ ହୁଏ ତାର କୌଶଳ ଜାଣନ୍ତି । ପର ଗୋଡ଼ ଜଗିବା ଅଭ୍ୟାସ ରଖିଥାଆନ୍ତି । ସେଥିପାଇଁ ସେମାନେ ଆତ୍ମଘୋଷିତ ଜ୍ଞାନୀ ହୋଇଥାଆନ୍ତି । ମଣିଷର ନିଜସ୍ୱ ମୌଳିକ ଜ୍ଞାନ ସମାଜକୁ ବଡ ପରିବର୍ତ୍ତନ ଆଣିଥାଏ କିନ୍ତୁ ଆତ୍ମଘୋଷିତ ଜ୍ଞାନୀଙ୍କ ପାଇଁ ପ୍ରକୃତ ଜ୍ଞାନୀ ତା ନିଜ ପରିଚୟ ହଜାଇଥାଏ । ପ୍ରକୃତ ଜ୍ଞାନୀ ଯେତେ ସତ କହିବ, ଅହିଂସା ନୀତି ପାଳନ କରିବ । ଏହି ଆତ୍ମଘୋଷିତ ଜ୍ଞାନୀ ନିଜ ମିଛରେ ଅନ୍ୟକୁ ମିଛୁଆ ସଜେଇଦେବ ପଛେ ନିଜ ଅହଂକାରକୁ ଛାଡି ରହିପାରିବନି । କଥାରେ ଅଛି ପାଠୁଆ ଜାଣେ ପାଠର କଥା କିନ୍ତୁ ଏ ଝଡାଫୁଙ୍କା ଅର୍ଦ୍ଧ ଶିକ୍ଷିତ କେମିତି ଜାଣିବେ ପାଠର କଥା । ପାଠୁଆ କେବେ ନିଜ ଜ୍ଞାନକୁ ନେଇ ଅନ୍ୟ କାହା ସହ ପ୍ରତିଯୋଗିତା ମୂଳକ ଆଗକୁ ବଢ଼େନାହିଁ କିନ୍ତୁ ଆତ୍ମଘୋଷିତ ଜ୍ଞାନୀ ପ୍ରତିଯୋଗିତା ମୂଳକ ରାଜନୀତି କରିଥାଏ । ନିଜ ଜ୍ଞାନକୁ ନେଇ ନିଜକୁ ସର୍ବଶ୍ରେଷ୍ଠ ଭାବିଥାଏ । ଯଦିଓ ପ୍ରତ୍ୟେକ ଲୋକଙ୍କ ନିଜ ନିଜ ଭାବନା ଭିନ୍ନ ହୋଇଥାଏ ତଥାପି ଏହି ଆତ୍ମଘୋଷିତ ଜ୍ଞାନୀଙ୍କ ପାଠ ଟିକେ ଅଲଗା ହୋଇଥାଏ । ଯିଏ ଯେତେ ସଂଘର୍ଷ କରି ଉପରକୁ ଉଠିଥାଏ ଏମାନେ ସେମାନଙ୍କ ସଂଘର୍ଷ କାହାଣୀ ନଜାଣି ସେମାନଙ୍କୁ ପ୍ରତି ମୁହୂର୍ତ୍ତରେ ଛୋଟ ଭାବୁଥାଆନ୍ତି ।

ସବୁବେଳେ ଗୋଟେ କଥା ମନେ ରଖିବା ଉଚିତ । ବଳ, ବୟସ ଯେମିତି ସବୁବେଳେ ଚିରସ୍ଥାୟୀ ନୁହେଁ ଠିକ ସେମିତି ଆତ୍ମଘୋଷିତ ଜ୍ଞାନୀଙ୍କ ଠିକଣା ଚିରସ୍ଥାୟୀ ନଥାଏ । ଜ୍ଞାନୀ ସେ ହୋଇଥାଏ ଯିଏ ନିଜ ଜ୍ଞାନର ସଠିକ ଉପଯୋଗ କରୁଥାଏ । ଲୋକଙ୍କ ପାଖରୁ କିଛି ଶିଖିବାପାଇଁ ନିଜକୁ ଅଜ୍ଞ ବୋଲି କହୁଥାଏ । ନିଜକୁ ସବୁବେଳେ ଅଜ୍ଞ ଏଥିପାଇଁ କହୁଥାଏ କାରଣ ସମସ୍ତଙ୍କର ଭିନ୍ନ ଭିନ୍ନ ଚିନ୍ତାଧାରା ଥାଏ। ସମସ୍ତଙ୍କ ଠାରୁ ଭିନ୍ନ ଜ୍ଞାନ ମଧ୍ୟ ଗ୍ରହଣ କରୁଥାଏ। ଯେତେବେଳେ ଯେକୌଣସି ବ୍ୟକ୍ତି ନିଜକୁ ଥରେ ଶ୍ରେଷ୍ଠ ଭାବିଦେବ ସେତେବେଳେ ସେ ଅନ୍ୟ ମାନଙ୍କ ଠାରୁ କିଛି ଶିଖିବାର ଆଶା ଭୁଲିଯିବ। ଅନ୍ୟଠୁ ଭଲ କଥା ଶିଖିଲେ ଆଗାମୀ ପିଢିଙ୍କୁ କିଛି ଶିଖେଇବ କିନ୍ତୁ ଆତ୍ମଘୋଷିତ ଜ୍ଞାନୀଙ୍କ ସହ ମିଶିଲେ ନିଜ ଜ୍ଞାନର ସମାପ୍ତି ସେଇଠୁ ହୋଇଯିବ।

ଆମେମାନେ ସବୁବେଳେ ଆମ ଆଚାର ବ୍ୟବହାର ଭଲ ରଖିବା ଉଚିତ । ମଣିଷର ବ୍ୟବହାର ହିଁ ତା ଶିକ୍ଷାଗତ ଯୋଗ୍ୟତା କହିଦେବ। ପାଠ ପଢି ନିଜକୁ କେବେ ଶ୍ରେଷ୍ଠ ଭାବିବା ଆଦୌ ଉଚିତ ନୁହେଁ। ମନରେ ଯେତେବେଳେ ନିଜକୁ ସର୍ବଶ୍ରେଷ୍ଠ ଭାବନା ଆସିଯିବ ସେତେବେଳେ ଗର୍ବ, ଅହଂକାର ମଧ ମନ ଭିତରେ ରହିଯିବ । ଗର୍ବ, ଅହଂକାର ରହିଲେ ମଣିଷ ମଣିଷଙ୍କୁ ଅମଣିଷ ଭଳି ବ୍ୟବହାର କରିବ। ଯେମିତି ଆତ୍ମଘୋଷିତ ଜ୍ଞାନୀମାନେ କରିଥାଆନ୍ତି। ସବୁବେଳେ ଗୋଟେ କଥା ମନେ ରଖିବା ଉଚିତ ମଣିଷର ଜ୍ଞାନ ମାନବ ସମାଜର ସାମଗ୍ରିକ ଜ୍ଞାନ। ଅନୁସରଣ, ଅନୁକରଣ ଓ ପଠନ ମାଧ୍ୟମରେ ମଣିଷର ନିଜସ୍ୱ ଓ ମୌଳିକ ଜ୍ଞାନ ସମାଜରେ ନିଜ ପରିବର୍ତ୍ତନ ଆଣିଥାଏ। ଯେଉଁମାନେ ନିଜକୁ ମହାଜ୍ଞାନୀ ଭାବିଦେଇଥାନ୍ତି ସେମାନଙ୍କ ପାଇଁ ଜ୍ଞାନୀ ଲୋକର ପରିଚୟ ହଜିଯାଇଥାଏ। ଆଜିକାଲି ପ୍ରାୟ ଲୋକ କୁହନ୍ତି ଅଳ୍ପ ବିଦ୍ୟା ଥାଉ ପଛେ ସ୍ମାର୍ଟ ରୁହ କଥା ପଦକରେ ଟିକେ ନିଜ ବ୍ୟବହାର ବଦଳାଅ ଯାହାଦ୍ୱାରା ଲୋକେ କହିବେ ନାହିଁ ଏ ଜ୍ଞାନୀ କିନ୍ତୁ ସେହିମାନଙ୍କୁ ଗୋଟେ ପ୍ରଶ୍ନ ଦାମୀ ପୋଷାକରେ ହେଉ କିମ୍ବା ନିଜ ସ୍ମାର୍ଟନେସ ପାଇଁ କେହି କେବେ ଜ୍ଞାନୀ ହୋଇଯାଏନାହିଁ । ଥରେ ଦେଖି ଆସନ୍ତୁ ସେହି ମଇଳା ପୋଷାକ ପିନ୍ଧା ଜ୍ଞାନୀ ଲୋକଙ୍କୁ ଯେଉଁମାନଙ୍କ ମୁଣ୍ଡରେ ଅଗାଢ଼ ଜ୍ଞାନ । ହେଲେ ସେମାନେ ନିଜ ଜ୍ଞାନକୁ ନେଇ କେବେ ଗର୍ବ କରନ୍ତିନି କିନ୍ତୁ ଏହି ଆତ୍ମଘୋଷିତ ଜ୍ଞାନୀଙ୍କ ପାଇଁ ସେମାନେ ଭଲ ସ୍ଥାନ ପାଆନ୍ତିନି । ଯାହାଫଳରେ ଜ୍ଞାନୀ ପିନ୍ଧେ ମଇଳା ପୋଷାକ ଆଉ ଆତ୍ମଘୋଷିତ ଜ୍ଞାନୀ ପିନ୍ଧେ ଦାମୀ ପୋଷାକ ।ଜ ତେବେ ଜ୍ଞାନର ସତ୍ୟତା ଆଜି ଯାହା ଆସନ୍ତାକାଲିକୁ ମଧ ତାହା । ଆତ୍ମଘୋଷିତ ଜ୍ଞାନୀଙ୍କ ସତ୍ୟତା ଜ୍ଞାନ କମ ରାଜନୀତି ବେଶି । ଯେଉଁ ରାଜନୀତି ଭିତରେ ଅଛି କେବଳ ଛଳ କପଟ । ଯେଉଁଥିପାଇଁ ପ୍ରକୃତ ଜ୍ଞାନୀ ଅନେକ ସମୟରେ ସବୁ କ୍ଷେତ୍ରରେ ହଇରାଣ ହୋଇଥାନ୍ତି ।ଆତ୍ମଘୋଷିତ ଜ୍ଞାନୀଙ୍କ କବଳରୁ ମୁକୁଳିବା ବହୁତ କଷ୍ଟ କାରଣ ଏମାନେ ଅନ୍ୟକୁ କଷ୍ଟ ଦେବାପାଇଁ ନିଜକୁ ଆତ୍ମଘୋଷିତ ଜ୍ଞାନୀର ପରିଚୟ ଦେଇଥାଆନ୍ତି। ନିଜ ଜ୍ଞାନକୁ ନେଇ ନିଜ ଭିତରେ ଗର୍ବ ରଖ କିଛି କଥା ନାହିଁ କିନ୍ତୁ ଅନ୍ୟକୁ ବିପଦରେ ପକେଇବାପାଇଁ ନିଜ ଗର୍ବର ପ୍ରୟୋଗ କରନ୍ତୁନି। କି କାହାକୁ ଅସାଧାରଣ ଭାବି ନିଜକୁ ମହାନ ଭାବନ୍ତୁନି । ଅସାଧାରଣ ଲୋକଙ୍କ ଭିତରେ ମଧ ବହୁତ ଜ୍ଞାନ ରଖିଥାଏ ଯାହା ଆତ୍ମଘୋଷିତ ଜ୍ଞାନୀ ମାନଙ୍କୁ ଦେଖାଯାଇନଥାଏ।

ତେବେ ଆପଣ ଭାବୁଥିବେ ଆତ୍ମଘୋଷିତ ଜ୍ଞାନୀମାନେ ଅନେକ ସମୟରେ କାହିଁକି ପ୍ରଶଂସା ପାଆନ୍ତି । ଏହାର ପ୍ରମୁଖ କାରଣ ହେଉଛି ସେମାନେ ପ୍ରତ୍ୟେକ କଥାକୁ ଅତିରଞ୍ଜିତ କରି କହିବା ଶୈଳୀ ଜାଣନ୍ତି। ଅନ୍ୟକୁ ହାତ ମୁଠାରେ କିପରି ନଚେଇ ହୁଏ ତାର କୌଶଳ ଜାଣନ୍ତି । ପର ଗୋଡ଼ ଜଗିବା ଅଭ୍ୟାସ ରଖିଥାଆନ୍ତି। ସେଥିପାଇଁ ସେମାନେ ଆତ୍ମଘୋଷିତ ଜ୍ଞାନୀ ହୋଇଥାଆନ୍ତି । ମଣିଷର ନିଜସ୍ୱ ମୌଳିକ ଜ୍ଞାନ ସମାଜକୁ ବଡ ପରିବର୍ତ୍ତନ ଆଣିଥାଏ କିନ୍ତୁ ଆତ୍ମଘୋଷିତ ଜ୍ଞାନୀଙ୍କ ପାଇଁ ପ୍ରକୃତ ଜ୍ଞାନୀ ତା ନିଜ ପରିଚୟ ହଜାଇଥାଏ ।

+ଯୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬




## ମାଆ

### ସଦାଶିବ ବିଶ୍ୱାଳ



ମାଆର...
ହୃଦୟ, କୁସୁମ ପରି କୋମଳ
ଲୁହ ଗଡ଼ାଏ ଟିକିଏ କଥାରେ
ସହେ ପାରିବାରିକ ଝଡ଼ଝଞ୍ଜା
ଚଳାଏ ସଂସାର ଅଭାବ, ପ୍ରାଚୁର୍ଯ୍ୟ
ଭିତରେ

ବାରମ୍ବାର ଫୁଲି ଉଠେ ନାକପୁଡ଼ା
ଥରୁଥିବା ଓଠ ସାଥେ
ତଣ୍ଟିରେ ଅଟକେ ଶବ୍ଦ
କଇଁ କଇଁ କାନ୍ଦିବା କାନ୍ଦେ

କାନ୍ଦି କାନ୍ଦି ପଣତ ଭିଜାଏ
କୋହ ଝର ହୋଇ ବହିଯାଏ
ଭିତରେ ଅନେକ ଗ୍ଲାନି, ସେ କାନ୍ଦ
ତା ଛୁଆଙ୍କର ଖୁସି ମନାସୁ ଥାଏ

ମାଆ..
ଆବେଗଭରା ମନସ୍ତତ୍ତ୍ୱ
ଜଣା ନାହିଁ ଲୁହ ଲୁଚେଇବାର କଳା
ସାଇତି ରଖେ ଲୁହ ପଣତରେ
ଜଣା କି ତା'କୁ ଲୁହକୁ ଝାଳ
କରିବାର କଳା ?

ଝଡ଼ ଆସିଲେ ଆଗକୁ ଆସେ
ଛୁଆକୁ ଘୋଡ଼ାଇ ଦିଏ ପଣତ କାନିରେ
ଖର ପାଣିର ସୁଅ ଆଗେ ଛିଡା ହୁଏ
ଡୁବି ଯାଏ ପିଲା ସହ ଭଉଁରୀରେ

ମାଆ ଜନ୍ମଦେଇ ଶିଖାଏ
ଜୀବନ ମନ୍ତ୍ର ଜିଇବାର କଳା
ପ୍ରତିକୂଳ ପରିସ୍ଥିତି ଏଡାଇ
ଆଗକୁ ଅଗ୍ରସର ହେଲେ ହେଲା

+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ
ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ଅଙ୍ଗାରୁଆ, ଜିଲ୍ଲା - କେଉଁଝର

## ପାର୍ବଣ ଜଣାଣ

### ବୈଷ୍ଣବ ମେହେର

ପାର୍ବଣ ଆସୁ ଯେ,
ଏସନ ପୁରା ଦଖଲ କରୁ
ତୁମ ଆଉ ମୋର ଦୂରତ୍ୱର
ସମଗ୍ର ଇଲାକାକୁ
ଭୋକ ଆଉ ଉପବାସର
ମଧ୍ୟ ସ୍ଥଳକୁ ବି
ନିଦ୍ୱନ୍ଦରେ ଛାଇ ଯାଉ ସେ ...

ଏସନ ପାର୍ବଣ
ଭୋଗ କି ବିଳାସ ଭିତରେ ନ ମଜ୍ଜାଇ
ସମୁଦ୍ରେ ଲୁହର ଶୋକାଞ୍ଜଳି
ଗୀତି ଭିତରେ
ସୁମଧୁର ବଂଶୀର ନିଃସ୍ୱନ ସଂଗୀତ
ଭରି ଦେଇ ଯାଉ ।

ଆସୁଥିବା ପାର୍ବଣ ଆସୁ ଆଉ
ମହକାଇ ଦେଉ ପବନ
ଚମକାଇ ଦେଉ ଜୀବନ
ଲୋଟି ପଡୁ ଯେତେ ସବୁ
ଶୋକ, କ୍ଷୋଭ ଆଉ ହାହାକାର
ଆକାଶରେ ବାରମ୍ବାର
ଝଟକୁ ଥାଉ ସାତରଙ୍ଗ ଇନ୍ଦ୍ରଧନୁର ।

ଏ ସନ ପାର୍ବଣରେ
କ୍ଷତ ସବୁ ଭରିଯାଉ ଆପଣାଛାଏଁ
ଉଦାସିଆ କପାଳରେ
ହସର ଜୁଆର ଉଠୁ
ଖାସକରି -
ମୁଣ୍ଡରେ ହାତମାରି ବସିଥିବା
ମଣିଷର କାନ୍ଧରେ
କେହି ଜଣେ ହାତ ରଖୁ
ଏଥରକ ପାର୍ବଣ
ପ୍ରକୃତ ପାର୍ବଣ ହେଉ ।


+ ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

# କିଙ୍ଗ୍ ଖାନ୍ ଏବଂ ରାଣୀ ମୁଖାର୍ଜୀ ହିଁ ଦୁହେଁ ୨୯ ବର୍ଷ ବୟସରେ ଏହି ଅଭିନେତ୍ରୀଙ୍କୁ ମିଳିଲା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହେଲେ ...



୭୧ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୩ ସେପ୍ଟେମ୍ବର ୨୦୨୫ ରେ ଅନୁଷ୍ଠିତ ହୋଇଥିଲା । ଗତକାଲି ସନ୍ଧ୍ୟା ଅତ୍ୟନ୍ତ ସ୍ମରଣୀୟ ଥିଲା, ଯେଉଁଥିରେ ଶାହାରୁଖ ଖାନ ଏବଂ ରାଣୀ ମୁଖାର୍ଜୀଙ୍କୁ ୩୦ ବର୍ଷର କ୍ୟାରିୟରରେ ପ୍ରଥମ ଥର ପାଇଁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା । କିଙ୍ଗ ଖାନଙ୍କୁ 'ଜୱାନ' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ଅଭିନେତା ଏବଂ ରାଣୀ ମୁଖାର୍ଜୀଙ୍କୁ 'ମିସେସ୍ ଚାଟାର୍ଜୀ ଭର୍ସେସ୍ ନରୱେ' ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ସମ୍ମାନିତ କରାଯାଇଥିଲା । ଏଥି ସହିତ ଦାଦାସାହେବ ଫାଲକେ ପୁରସ୍କାର ଦକ୍ଷିଣ ଅଭିନେତା ମୋହନଲାଲଙ୍କୁ ପ୍ରଦାନ କରାଯାଇଥିଲା । ଏହି ତାଲିକାରେ ବିକ୍ରାନ୍ତ ମେସିଙ୍କ ନାମ ମଧ ସାମିଲ ଥିଲା, ଯାହାଙ୍କୁ '୧୨ଫ୍ୱଷ ଫେଲ୍' ଚଳଚ୍ଚିତ୍ର ପାଇଁ ସମ୍ମାନିତ କରାଯାଇଥିଲା । ଏହି ବଡ଼ ଚେହେରାମାନଙ୍କ ମଧ୍ୟରେ ଅନେକ ନାମ ଥିଲା, ଯେଉଁମାନଙ୍କୁ ଜାତୀୟ ପୁରସ୍କାର ମିଳିଥିଲା କିନ୍ତୁ ସେମାନଙ୍କ ନାମ କେଉଁଠି ହଜିଯାଇଥିଲା । ଏଥିରେ ଏକ ନାମ ହେଉଛି ଜାନକୀ ବୋଡିୱାଲା । ଅଭିନେତ୍ରୀ ଜାନକୀ ବୋଡିୱାଲାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଗୁଜୁରାଟୀ ଚଳଚ୍ଚିତ୍ର 'ବଶ'ରେ ତାଙ୍କର ଦମଦାର ଅଭିନୟ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଥିଲା । ଏଥିପାଇଁ ତାଙ୍କୁ ଶ୍ରେଷ୍ଠ ସହ-ଅଭିନେତ୍ରୀର ସମ୍ମାନ ପ୍ରଦାନ କରାଯାଇଥିଲା । ତେବେ ଏହି ଆୱାର୍ଡ ଶୋ'ର ଲାଇମଲାଇଟ୍ ଶାହାରୁଖ ଏବଂ ରାନୀ ମୁଖାର୍ଜୀ ଲୁଟି ନେଇଥିଲେ, ଯେଉଁଥିପାଇଁ ଜାନକୀଙ୍କ ନାମ କେଉଁଠି ଚର୍ଚ୍ଚା ହେଉନାହିଁ । ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମାଧ୍ୟମରେ ୨୭ ବର୍ଷ ପରେ 'କୁଛ୍ କୁଛ୍ ହୋତା ହୈ'ର ଟିନା ଏବଂ ରାହୁଲ ଏକାଠି ଦେଖିବାକୁ ମିଳିଥିଲେ, ଯାହାକୁ ଦେଖିବା ପାଇଁ ପ୍ରଶଂସକଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖିବାକୁ ମିଳିଥିଲା ।

ପ୍ରକୃତରେ ଜାନକୀ ବୋଡିୱାଲାଙ୍କ ବିଷୟରେ ବହୁତ କମ୍ ଲୋକ ଜାଣିଥିବେ ଯେ ସେ ଅଜୟ ଦେବଗନ ଏବଂ ଆର.ମାଧବନ ଷ୍ଟାରର ଚଳଚ୍ଚିତ୍ର 'ଶୈତାନ'ରେ ନଜର ଆସିଛନ୍ତି । ଏହି ସାଇକୋ ଥ୍ରୀଲର ଚଳଚ୍ଚିତ୍ରରେ ଜାନକୀ ଜାନଭୀଙ୍କ ଭୂମିକା ଗ୍ରହଣ କରିଥିଲେ, ଯିଏ ଅଜୟ ଦେବଗନଙ୍କ ଝିଅ ଭୂମିକାରେ ଥାଆନ୍ତି ଏବଂ ଆର. ମାଧବନ ତାଙ୍କୁ ନିଜ ଗୁଣିଗାରେଡ଼ି ଦ୍ୱାରା ବଶୀଭୂତ କରି ନିଅନ୍ତି । ଏହି ଚଳଚ୍ଚିତ୍ରରେ ମଧ ଜାନକୀଙ୍କର ଅନେକ ଦୃଶ୍ୟ ଏବଂ ଅଭିନୟ ଥିଲା, ଯାହା ଭୟଭୀତ କରୁଥିଲା । ଜାନକୀ ଗୁଜୁରାଟୀ ଚଳଚ୍ଚିତ୍ର 'ବଶ'ରେ ନଜର ଆସିଛନ୍ତି ଏବଂ ଏହାର ଦ୍ୱିତୀୟ ଭାଗ 'ବଶ ଲେବଲ-୨' ଏହି ବର୍ଷ ରିଲିଜ୍ ହୋଇଥିଲା । ସେଥିରେ ମଧ ଅଭିନେତ୍ରୀଙ୍କୁ ପୁନର୍ବାର କାଷ୍ଟ କରାଯାଇଥିଲା । ଏହି ଚଳଚ୍ଚିତ୍ର ପାଇଁ ମଧ ସେ ବହୁତ ଲାଇମଲାଇଟ୍ ଏବଂ ପ୍ରଶଂସା ସାଉଁଟିଥିଲେ ।




ହିନ୍ଦୀରେ ରିମେକ୍ ହେବ ଓଡ଼ିଆ ଫିଲ୍ମ 'ବୋଉ ବୁଟୁ ଭୂତ' । ଚଳିତ ବର୍ଷ ରଜରେ ରିଲିଜ୍ ହୋଇଥିବା ବାବୁସାନ ଅଭିନୀତ ବୋଉ ବୁଟୁ ଭୂତ ହିନ୍ଦୀ ଭାଷାରେ ନିର୍ମାଣ ହେବ । ଫିଲ୍ମକୁ ନିର୍ମାଣ କରିବ କରଣ ଜୋହରଙ୍କ ଧର୍ମା ପ୍ରଡକ୍ସନ । ଏନେଇ ଧର୍ମା ପ୍ରଡକ୍ସନ ପକ୍ଷରୁ ପବ୍ଲିକ ନୋଟିସ୍ ଜାରି ହୋଇଛି । ଫିଲ୍ମର ରିମେକ୍ ରାଇଟ୍ସ ପାଇଁ ନୋଟିସର ୧୫ ଦିନ ଭିତରେ ଚୁକ୍ତି କରିବ 'ବୋଉ ବୁଟୁ ଭୂତ'ର ପ୍ରଡକ୍ସନ ଟିମ । ବାବୁସାନ୍ ଫିଲ୍ମସ ନିବେଦିତ ତଥା ତୃପ୍ତି ଶତପଥୀଙ୍କ ପ୍ରଯୋଜିତ 'ବୋଉ ବୁଟୁ ଭୂତ' ସାରା ଓଡିଶାରେ ୬୧ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା । ମୁଖ୍ୟ ଭୂମିକାରେ ଓଲିଉଡ୍ ସୁପରଷ୍ଟାର ବାବୁସାନ୍ ମହାନ୍ତିଙ୍କ ସହ ଥିଲେ ନାୟିକା ଅର୍ଚ୍ଚିତା । ସେହିପରି ବରିଷ୍ଠ ଅଭିନେତ୍ରୀ ଅପରାଜିତାଙ୍କୁ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିଥିଲା । ଜଗଦୀଶ ମିଶ୍ର ଏହାର ନିର୍ଦ୍ଦେଶନା ଦେଇଥିଲେ । ଫିଲ୍ମଟି ବକ୍ସ ଅଫିସରେ ଖୁବ୍ ଭଲ ବ୍ୟବସାୟ କରିଥିଲା । ଏହି ହରର୍ କମେଡି ଚଳଚ୍ଚିତ୍ରଟି ୨୦୨୫ର ସବୁଠାରୁ ଲାଭଦାୟକ ଚଳଚ୍ଚିତ୍ର ହୋଇଛି ।

# ଦୀର୍ଘ ଦିନର ବାଦବିବାଦ ପରେ ଦିଲ୍ଲୀର 'ଲଭ କୁଶ ରାମଲୀଳା'ରୁ ବାଦ୍ ପଡ଼ିଲେ ପୁନମ୍ ପାଣ୍ଡେ



ଦୀର୍ଘ ଦିନର ବାଦବିବାଦ ପରେ ଦିଲ୍ଲୀର ଲଭ କୁଶ ରାମଲୀଳାରୁ ବାଦ୍ ପଡ଼ିଛନ୍ତି ଅଭିନେତ୍ରୀ ପୁନମ ପାଣ୍ଡେ । ବିଶ୍ୱ ହିନ୍ଦୁ ପରିଷଦ ଏବେ ଲଭ କୁଶ ରାମଲୀଳା କମିଟିର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି । ବିଶ୍ୱ ହିନ୍ଦୁ ପରିଷଦ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କହିଛି, 'ବିଶ୍ୱ ହିନ୍ଦୁ ପରିଷଦ, ଲଭ କୁଶ ରାମଲୀଳା କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ହୃଦୟର ସହିତ ସ୍ୱାଗତ କରୁଛି । ଯେଉଁଥିରେ ସମାଜ ଏବଂ ପୂଜ୍ୟ ସନ୍ଥମାନଙ୍କ ଭାବନାକୁ ସମ୍ମାନ ରହିଛି । ବିଶ୍ୱ ହିନ୍ଦୁ ପରିଷଦ ପ୍ରାଦେଶିକ ମନ୍ତ୍ରୀ ସୁରେନ୍ଦ୍ର ଗୁପ୍ତା କହିଛନ୍ତି, 'ଆମେ ବିଶ୍ୱାସ କରୁଛୁ ଯେ ଏହି ବର୍ଷର ଲଭ କୁଶ ରାମଲୀଳା ଆହୁରି ସଫଳ, ମହାନ ଏବଂ ପ୍ରେରଣାଦାୟକ ହେବ । ପ୍ରଦେଶ ମନ୍ତ୍ରୀ କହିଛନ୍ତି, 'ବିଶ୍ୱ ହିନ୍ଦୁ ପରିଷଦ ଇନ୍ଦ୍ରପ୍ରସ୍ଥ ପ୍ରାଦେଶିକ ରାମଲୀଳା କମିଟିକୁ ତାଙ୍କର ହୃଦୟର ଶୁଭେଚ୍ଛା ଜଣାଉଛି ।' ଏହା ଉଲ୍ଲେଖଯୋଗ୍ୟ ଯେ, ଗତ ସପ୍ତାହ ପୂର୍ବରୁ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍ପି) ରାମଲୀଳାରେ ପୁନମ ପାଣ୍ଡେଙ୍କୁ ସାମିଲ କରିବା ଉପରେ ଆପତ୍ତି କରିଥିଲା । ଦିଲ୍ଲୀର ଲାଲକିଲ୍ଲା ପରିସରରେ ଅନୁଷ୍ଠିତ ହେବାକୁ ଥିବା ଲଭ୍ କୁଶ୍ ରାମଲୀଳାର କଳାକାରମାନଙ୍କ ମଧ୍ୟରେ ପୁନମ୍ ପାଣ୍ଡେଙ୍କ ସାମିଲକୁ ବିରୋଧ କରାଯାଇଥିଲା । କିନ୍ତୁ, କମିଟି ବିରୋଧକୁ ଅଣଦେଖା କରି ନିଜ ନିଷ୍ପତ୍ତିରେ ଅଟଳ ରହିଲା । ଲଭ୍ କୁଶ୍ ରାମଲୀଳା ସେପ୍ଟେମ୍ବର ୨୨ ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥର ବଲିଉଡ୍ ଅଭିନେତା ଆର୍ଯ୍ୟ ବବ୍ବର ରାବଣ ଭୂମିକାରେ ଅଭିନୟ କରୁଛନ୍ତି । କିଂଶୁକ୍ ବୈଦ୍ୟ ରାମ ଭୂମିକାରେ, ରିନି ଆର୍ଯ୍ୟ ସୀତା ଭୂମିକାରେ ଏବଂ ବିଜେପି ସାଂସଦ ମନୋଜ ତିୱାରୀ ପରଶୁରାମ ଭୂମିକାରେ ଅଭିନୟ କରିବେ ।




ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ଏବେ ଚର୍ଚ୍ଚାରେ । ୨୦୨୪ରେ ରିଲିଜ୍ ହୋଇଥିବା ତେଲୁଗୁ ବ୍ଲକବଷ୍ଟର ଫିଲ୍ମ 'କଲ୍କି ୨୮୯୮ଏଡି'ର ସିକ୍ୱେଲରେ ଦୀପିକା ନଜର ଆସିବେ ନାହିଁ । ନିର୍ମାତା ଏନେଇ ଏକ୍ସରେ ପୋଷ୍ଟ କରି ଘୋଷଣା କରିସାରିଛନ୍ତି । କିଛି ଦିନ ତଳେ କରାଯାଇଥିବା ପୋଷ୍ଟରେ ଲେଖାଯାଇଥିଲା ଯେ, ଅଭିନେତ୍ରୀ ଆଉ ଦ୍ୱିତୀୟ ଭାଗରେ ନଜର ଆସିବେନି । ଏହି ଖବର ଆସିବା ପରଠାରୁ ଦୀପିକା ଚର୍ଚ୍ଚାରେ । ଏକା ସାଙ୍ଗରେ ସେ ଫିଲ୍ମ ସ୍ପିରିଟ୍ ଓ 'କଲ୍କି ୨୮୯୮ଏଡି'ରୁ ବାଦ୍ ପଡ଼ିବାରୁ ଏହା ପଛରେ କାହାର ହାତ ରହିଛି, ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଦୁଇଟି ଯାକ ଫିଲ୍ମରେ ପ୍ରଭାସ ମୁଖ୍ୟ ଚରିତ୍ରରେ ନଜର ଆସିଥିବା ବେଳେ ଦୀପିକାଙ୍କୁ ବାହାର କରିବା ପଛରେ ତାଙ୍କର ହାତ ଥିବା କୁହାଯାଉଛି । ଦୀପିକା ପାଦୁକୋନଙ୍କ କିଛି ପ୍ରଶଂସକ ଅଭିନେତ୍ରୀଙ୍କୁ ଦୁଇଟି ବଡ଼ ପ୍ରୋଜେକ୍ଟରୁ ବାହାର କରିବା ପଛରେ ପ୍ରଭାସଙ୍କ ଭୂମିକା ଥିବା ନେଇ ସନ୍ଦେହ କରୁଛନ୍ତି । ପ୍ରଶଂସକମାନେ ଯୁକ୍ତି ବାଢ଼ିଛନ୍ତି ଯେ, ଯଦି ପ୍ରଭାସ ହସ୍ତକ୍ଷେପ କରିଥାନ୍ତେ, ତେବେ ନିର୍ମାତାମାନେ ଦୀପିକାଙ୍କୁ ଚଳଚ୍ଚିତ୍ରରୁ ବାହାର କରିନଥାନ୍ତେ । ହେଲେ ହସ୍ତକ୍ଷେପ ନକରି ପ୍ରଭାସ ପରୋକ୍ଷରେ ଦୀପିକାଙ୍କୁ ଚଳଚ୍ଚିତ୍ରରୁ ବାହାର କରିବାର ନିଷ୍ପତ୍ତିକୁ ସମର୍ଥନ କରିଥିଲେ । କିଛି ଦିନ ତଳେ ନାଗ ଅଶ୍ୱିନଙ୍କ ଦ୍ୱାରା ନିର୍ଦ୍ଦେଶିତ 'କଲକି ୨୮୯୮ ଏଡି'ର ନିର୍ମାଣ କରିଥିବା ବୈଜୟନ୍ତୀ ମୁଭିଜ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି ଲେଖିଥିଲେ ଯେ, 'ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଉଛି ଯେ, ଦୀପିକା ପାଦୁକୋନ ଫିଲ୍ମ 'କଲକି ୨୮୯୮ ଏଡି'ର ଆଗାମୀ ସିକ୍ୱେଲ୍‌ର ଅଂଶ ହେବେ ନାହିଁ । ବହୁତ ବିଚାର ବିମର୍ଶ ପରେ, ଆମେ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ । ପ୍ରଥମ ଫିଲ୍ମରୁ ଦୀର୍ଘ ଯାତ୍ରା ସତ୍ତ୍ୱେ, ଆମେ ସହଭାଗୀତା ପାଇଲୁ ନାହିଁ । ଏବଂ 'କଲକି ୨୮୯୮ ଏଡି' ଭଳି ଏକ ଫିଲ୍ମ ଅଧିକ ପ୍ରତିବଦ୍ଧତା ପାଇବାକୁ ଯୋଗ୍ୟ । ଆମେ ଦୀପିକାଙ୍କୁ ତାଙ୍କ ଭବିଷ୍ୟତ ପାଇଁ ଶୁଭକାମନା ଜଣାଉଛୁ ।' ପୋଷ୍ଟରେ ଏହା ସ୍ପଷ୍ଟ ଭାବରେ ସୂଚାଇ ଦିଆଯାଇଥିଲା ଯେ, ନିର୍ମାତାମାନେ ଦୀପିକାଙ୍କର ଫିଲ୍ମ ପ୍ରତି ପ୍ରତିବଦ୍ଧତା ଉପରେ ସନ୍ଦେହ ରହିଛି, ଯେଉଁ କାରଣରୁ ତାଙ୍କୁ ପ୍ରୋଜେକ୍ଟରୁ ବାହାର କରିଦିଆଯାଇଛି ।

ଏହା ପୂର୍ବରୁ, ଦୀପିକା ପାଦୁକୋନଙ୍କୁ ପ୍ରଭାସଙ୍କ ଅଭିନୀତ ଫିଲ୍ମ 'ସ୍ପିରିଟ୍'ରୁ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ବାଙ୍ଗା ବାହାର କରିଥିଲେ । ସେ କହିଥିଲେ ଯେ, ଦୀପିକା ଅନେକ ଦାବି କରିଥିଲେ ଯାହା ନିର୍ମାତାଙ୍କୁ ପସନ୍ଦ ଆସିନଥିଲା, ଯେଉଁଥିରେ ୮ଘଣ୍ଟାର ସିଫ୍ଟ ମଧ ସାମିଲ ଥିଲା । ତେଣୁ ତାଙ୍କର ଏଭଳି ଦାବି ମାନିବା ଅପେକ୍ଷା ତାଙ୍କୁ ଫିଲ୍ମରୁ ବାହାର କରିଦେବା ଭଲ ବୋଲି ବିଚାର କରାଗଲା ।



# ଯଶ୍‌ଙ୍କ ନାୟିକା ସାଜିବେ ରୁକ୍ମିଣୀ

ଆସନ୍ତା ଅକ୍ଟୋବର ୨ ତାରିଖରେ ଅଭିନେତା ରିସଭ ସେଟ୍ଟୀଙ୍କର ବହୁ ପ୍ରତୀକ୍ଷିତ 'କାନ୍ତାରା ଚାପ୍ଟର ୧' ଫିଲ୍ମ ରିଲିଜ୍ ହେବାକୁ ଯାଉଛି । ଏହି ଫିଲ୍ମରେ ଅଭିନେତ୍ରୀ ରୁକ୍ମିଣୀ ବସନ୍ତ ମୁଖ୍ୟ ଭୂମିକାରେ ନଜରକୁ ଆସିବେ । ସୋମବାର 'କାନ୍ତାରା ଚାପ୍ଟର ୧'ର ଟ୍ରେଲରକୁ ଜାରି କରାଯାଇଛି । ତେବେ 'କେଜିଏଫ୍' ଫେମ୍ ସୁପରଷ୍ଟାର ଯଶଙ୍କ ଆଗାମୀ ଫିଲ୍ମ 'ଟକ୍ସିକ୍'ରେ ରୁକ୍ମିଣୀ ନଜରକୁ ଆସିବେ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି । ଉକ୍ତ ଫିଲ୍ମରେ ରୁକ୍ମିଣୀ ଯଶ୍‌ଙ୍କ ନାୟିକା ସାଜିବେ । ୨୦୨୬ ମାର୍ଚ୍ଚ ୧୯ରେ ତାମିଲ ତେଲୁଗୁ, ମାଲୟାଲମ, କନ୍ନଡ, ହିନ୍ଦୀ ଏବଂ ଇଂଲିଶ ଆଦି ୬ଟି ଭାଷାରେ 'ଟକ୍ସିକ୍' ଫିଲ୍ମ ମୁକ୍ତିଲାଭ କରିବ । ମୁଖ୍ୟତଃ କନ୍ନଡ଼, ତାମିଲ ଏବଂ ତେଲୁଗୁ ଫିଲ୍ମ ଜଗତରେ ନିଜ ଅଭିନୟର ଦକ୍ଷତା ଦେଖାଇଥିବା ରୁକ୍ମିଣୀ ୨୦୧୯ରେ କନ୍ନଡ଼ ଫିଲ୍ମ 'ବୀରବଲ' ଜରିଆରେ ଫିଲ୍ମ ଜଗତରେ ଡେବ୍ୟୁ କରିଥିଲେ । ୨୦୨୩ରେ କନ୍ନଡ଼ ଭାଷାରେ ରିଲିଜ୍ ହୋଇଥିବା ରୋମାଣ୍ଟିକ କମେଡି ଡ୍ରାମା ଫିଲ୍ମ 'ସାଗରଚାଦେ ଏଲୋ : ସାଇଡ୍ ଏ' ପାଇଁ ସେ ଶ୍ରେଷ୍ଠ ଅଭିନେତ୍ରୀ (କନ୍ନଡ଼) ଭାବେ ଫିଲ୍ମ ଫେୟାର କ୍ରିଟିକ୍ସ ଆୱାର୍ଡ ଜିତିଥିଲେ ।



# ମୁହଁ ଖୋଲିଲେ ଶେଫାଲି ଜରିୱାଲାଙ୍କ ସାମୀ ପରାଗ ତ୍ୟାଗୀ : କହିଲେ , କେମିତି ହୋଇଥିଲା କାଣ୍ଟା ଲଗା ଗର୍ଲଙ୍କ ମୃତ୍ୟୁ

୨୦୦୨ ମସିହାରେ ଆସିଥିବା ଗୀତ 'କାଟା ଲଗା'ରୁ ଶେଫାଲି ଜରିୱାଲା ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ । ବଲିଉଡ ଫିଲ୍ମ ଏବଂ ଛୋଟ ପରଦାର ଅନେକ ରିଆଲିଟି ଶୋ'ରେ ନଜର ଆସିଥିବା ଶେଫାଲି ଗତ ଜୁନ ୨୭ରେ ହୃଦଘାତରେ ପ୍ରାଣ ହରାଇଥିଲେ । ଶେଫାଲିଙ୍କ ପୋଷ୍ଟମର୍ଟମ ରିପୋର୍ଟ ସାର୍ବଜନୀନ କରାଯାଇ ନଥିଲା କିନ୍ତୁ ଏହା କୁହାଯାଇଥିଲା ଯେ ଶେଫାଲି ଖାଲି ପେଟରେ ଆଣ୍ଟି-ଏଜିଂ ମେଡିସିନ ସେବନ କରିଥିଲେ । ବ୍ରତରେ ଆଣ୍ଟି-ଏଜିଂ ଔଷଧ ସେବନ ଶେଫାଲିଙ୍କ ମୃତ୍ୟୁର କାରଣ ବୋଲି କୁହାଯାଉଥିଲା । କିନ୍ତୁ ବର୍ତ୍ତମାନ ଶେଫାଲିଙ୍କ ସ୍ୱାମୀ ପରାଗ ତ୍ୟାଗୀ ପତ୍ନୀଙ୍କ ମୃତ୍ୟୁର କିଛି ମାସ ପରେ ଏହି ମାମଲାରେ ନିରବତା ଭାଙ୍ଗିଛନ୍ତି ଏବଂ କହିଛନ୍ତି ଯେ ଯେଉଁ ଦିନ ଶେଫାଲିଙ୍କୁ ହୃଦଘାତ ହୋଇଥିଲା, ସେହିଦିନ ସେ ଆଣ୍ଟି-ଏଜିଂ ଔଷଧ ଖାଇ ନଥିଲେ ।

ପରାଗ ତ୍ୟାଗୀ ୟୁଟ୍ୟୁବ ଚ୍ୟାନେଲ 'ଶେଫାଲି ପରାଗ ତ୍ୟାଗୀ'ରେ ଏହି କଥା କହିଥିଲେ । ସେ ଶେଫାଲି ଏବଂ ଆଣ୍ଟି-ଏଜିଂ ଔଷଧ ବିଷୟରେ କହିଛନ୍ତି ଯେ "ଶେଫାଲିଙ୍କୁ ମଲ୍ଟିଭିଟାମିନ୍ ନେବା ପସନ୍ଦ ନଥିଲା ଏବଂ ସେ ଭୁଲିଯାଉଥିଲେ, ସେଥିପାଇଁ ସେ ଓଠ ଡ୍ରିପ୍ ଭଳି ଏହାକୁ ମାସକୁ ଥରେ ନେଉଥିଲେ । ଏଥିରେ ମଲ୍ଟିଭିଟାମିନ୍, ଭିଟାମିନ୍ ସି, କୋଲାଜେନ୍ ଏବଂ ଗ୍ଲୁଟାଥାୟୋନ୍ ସାମିଲ ଥିଲା, ଯାହା ସବୁଠାରୁ ଭଲ ଆଣ୍ଟି-ଅକ୍ସିଡାଣ୍ଟ । ଏମିତି ନୁହେଁ ଯେ ଶେଫାଲି ସେହି ଦିନ ସାରା ଉପାସ ରହିଥିଲେ । ଶେଫାଲି ସେହିଦିନ ବ୍ରତ ରଖିଥିଲେ ଏବଂ ପୂଜା ପରେ ଖାଇ ସାରି ଶୋଇ ପଡ଼ିଥିଲେ । ପୁଣି ସେ ଉଠି କିଛି ଖାଇଥିଲେ ।'

ପରାଗ ତ୍ୟାଗୀ ଶେଫାଲିଙ୍କ ବିଷୟରେ ଆଣ୍ଟି-ଏଜିଂ ଔଷଧ ସମ୍ବନ୍ଧୀୟ ଦାବି ଉପରେ ନିରବତା ଭାଙ୍ଗିଛନ୍ତି । ସେ କହିଛନ୍ତି, 'ଲୋକେ କେଉଁ ଆଣ୍ଟି-ଏଜିଂ ଔଷଧ ବିଷୟରେ କହୁଛନ୍ତି ? ସେ ନିଜ ବୟସ ଅନୁଯାୟୀ ଦେଖାଯାଉ ନଥିଲେ କାରଣ ସେଥିପାଇଁ ସେ ପରିଶ୍ରମ କରିଥିଲେ । ସେ ନିଜ ଡାଏଟକୁ ନିୟନ୍ତ୍ରଣରେ ରଖୁଥିଲେ,ଏହାର ଅର୍ଥ ନୁହେଁ ଯେ ସେ କିଛି ଖାଉ ନଥିଲେ । ଶେଫାଲି ଅଧା କିଲୋ ଆଇସକ୍ରିମ ଖାଇ ଦେଉଥିଲେ, କିନ୍ତୁ ତା'ପରେ ନିଜ ଉପରେ ପରିଶ୍ରମ କରୁଥିଲେ । ସପ୍ତାହକୁ ୨ ଥର ଆମେ ପ୍ରବଳ ଖାଉଥିଲୁ । ସେ ଚାଇନିଜ ଖାଉଥିଲେ କିମ୍ବା ପ୍ରତି ରବିବାର କିଛି ଅଲଗା ଖାଉଥିଲେ । ସେ ନିଜକୁ କେବେ ଉପାସ ରଖି ନାହାନ୍ତି । ମୁଁ ଜାଣିନି ଏହି ବ୍ରତ ବିଷୟଟି କେଉଁଠୁ ଆସିଲା । ବୋଧହୁଏ କେହି ଏହା କହିଥିଲେ ଏବଂ ସମସ୍ତେ ଏହି କଥାକୁ ଧରିନେଲେ । ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ଯେ ପ୍ରଥମେ ସେମାନେ ସତ ଜାଣନ୍ତୁ ଏବଂ ତା'ପରେ କିଛି କୁହନ୍ତୁ ।'





# ମନ୍ଦାରି ମଣ୍ଡଳ ପୋଖରିଠାରେ ରକ୍ତଦାନ ଶିବିର



ବାସୁଦେବପୁର, ୨୫/୯ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ମନ୍ଦାରି ମଣ୍ଡଳ ପୋଖରି ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ବିଜେପି ପକ୍ଷରୁ ଭାରତ ବର୍ଷର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ଜନ୍ମଦିନ ଓ ସେବାପକ୍ଷ ପାଳନ ଅବସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ଲୋକସଭାର ମାନନୀୟ ସାଂସଦ ଅଭିମନ୍ୟୁ ସେଠି ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଶିବିର କୁ ଉଦଘାଟନ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଭରତୀୟ ଜନତା ପାର୍ଟିର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି ଶିବିରରେ ସମୁଦାୟ ୧୩୫ ୟୁନିଟ ରକ୍ତ ସଂଗୃହୀତ ହୋଇ ଥିଲା। ରକ୍ତଦାନ ମହାପୁଣ୍ୟ। ଏହି ଶିବିରରେ ଭାରତୀୟ ଜନତା ପାର୍ଟିର ଯୁବ ନେତା ଓ କର୍ମୀ ଜଗବନ୍ଧୁ ଦାସ, ପ୍ରତାପ ସେନାପତି,ମହେଶ୍ୱର ଧଳ, ହେମନ୍ତ କୁମାର ସନ୍ଧି ବିଗ୍ରହ, ଗୋବିନ୍ଦ ଭାଇ, ବିଦ୍ୟାଧର ମୁଦୁଲି, ରାଜେନ୍ଦ୍ର ବାରିକ୍, ସୁବାସ ଚନ୍ଦ୍ର ପ୍ରଧାନ, ବିଦ୍ୟାଧର ଭାଇ, ରମାକାନ୍ତ ସେଠୀ ଓ ବହୁ ସଂଖ୍ୟାରେ ବିଭିନ୍ନ ପଞ୍ଚାୟତ ରୁ କର୍ମୀ ମାନେ ଯୋଗ ଦେଇଥିଲେ। ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯିବା ସହିତ ଫଳ ଓ ମିଠା ବଣ୍ଟନ କରା ଯାଇଥିଲା।

# ଓଡ଼ିଶାର ଚାଷୀଙ୍କ ଐତିହାସିକ ସଫଳତା : ଢେଙ୍କାନାଳର ସବୁଜ ଅମୃତଭଣ୍ଡା ସହ ପ୍ରଥମଥର ପାଇଁ ସାରୁ ସୁଦୂର ଆୟରଲ୍ୟାଣ୍ଡରେ ଉପଲବ୍ଧ ହେବ

ଭୁବନେଶ୍ୱର , ୨୫/୦୯ (ନି.ପ୍ର): ଓଡ଼ିଶାର କୃଷି କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଆଗରୁ ବିଦେଶୀ ଜିନିଷ ଆମଦାନୀ ହେଉଥିବା ବେଳେ ଏବେ ଓଡ଼ିଶାର ପନିପରିବା ବିଦେଶକୁ ରପ୍ତାନୀ ହେଉଛି ଏବଂ ବିଦେଶରେ ଏହାର ଚାହିଦା ମଧ ଖୁବ୍ ରହୁଛି । ଢେଙ୍କାନାଳ ମାଟିରୁ ୧୦୦ କିଲୋ ସାରୁ ଏବଂ ୩୨୦ କିଲୋ ସବୁଜ ଅମୃତଭଣ୍ଡା ନେତାଜୀ ସୁବାସ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦର, କଲିକତା ଦେଇ ସୁଦୂର ଆୟରଲ୍ୟାଣ୍ଡକୁ ରପ୍ତାନୀ ହୋଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନସ୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଦୃଢ଼ ନେତୃତ୍ୱ , ଗେଟ୍ସ ଫାଉଣ୍ଡେସନର ସହାୟତା ଏବଂ ପାଲାଡିୟମର ମିଳିତ ସମନ୍ୱୟରେ ଏହି ସଫଳତା ସମ୍ଭବ ହୋଇଛି।
ଏହି ସଫଳତାର ମଙ୍ଗ ଧରିଛି ଢେଙ୍କାନାଳର 'ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀ', ଯାହା କ୍ଷୁଦ୍ର ଚାଷୀଙ୍କ ସାମୂହିକ ଶକ୍ତିର ପ୍ରତୀକ ପାଲଟିଛି। ଏକ ସମୃଦ୍ଧ କୃଷି ଅର୍ଥନୀତି ଗଠନ, ଚାଷୀ ଭାଇଭଉଣୀଙ୍କୁ ନିଜ ପରିଶ୍ରମର ଉଚିତ ମୂଲ୍ୟ ପ୍ରଦାନ ସହ ବିଶ୍ୱ ବଜାରରେ ଓଡ଼ିଶାର କୃଷିଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ଦିଗରେ ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀ ନିଜର ନିରନ୍ତର ଉଦ୍ୟମ ଜାରି ରଖିଛି । ଚଳିତ ଥର ଅମୃତଭଣ୍ଡା ସହ ପ୍ରଥମ ଥର ଉଚ୍ଚ ଗୁଣବତ୍ତା ସମ୍ପନ୍ନ ତଥା ସ୍ୱାଦିଷ୍ଟ ସାରୁ ସୁଦୂର ଆୟରଲ୍ୟାଣ୍ଡକୁ ରପ୍ତାନୀ କରି ଏହି କୃଷକ ଉତ୍ପାଦକ ସଂଗଠନ ନିଜ ସଫଳତାର ଯାତ୍ରାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି । ଏହା କେବଳ ଏକ ରପ୍ତାନୀ ନୁହେଁ, ବରଂ ଓଡ଼ିଶାର ଚାଷୀଙ୍କ ସ୍ୱପ୍ନକୁ ଏକ ବିଶ୍ୱସ୍ତରୀୟ ମଂଚ ଦେବାର ପ୍ରୟାସ। ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରହିବା ସହ କୃଷି ବିଭାଗ ନେତୃତ୍ୱରେ ପାଲାଡିୟମର ସମନ୍ୱୟରେ ୨୦୨୪ ଠାରୁ ଏ ପର୍ଯ୍ୟନ୍ତ ୧୪୦ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ସତେଜ ପନିପରିବା ଓ ଫଳ ୧୦ ଟି ଅନ୍ତର୍ଜାତୀୟ ବଜାରକୁ ରପ୍ତାନୀ କରାଯାଇଛି । ଏହି ରପ୍ତାନୀକରଣ ମାଧ୍ୟମରେ ସମ୍ପୃକ୍ତ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ୪୦% ରୁ ୬୨% ପର୍ଯ୍ୟନ୍ତ ବର୍ଦ୍ଧିତ ମୂଲ୍ୟ ପାଇବାରେ ସକ୍ଷମ ହେଇପାରିଛନ୍ତି ।
ଏହି ପଦକ୍ଷେପ ଚାଷୀମାନଙ୍କୁ କେବଳ ଉଚିତ୍ ମୂଲ୍ୟ ଦେବ ନାହିଁ, ବରଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ବିଶ୍ୱ ବଜାରର ଚାହିଦା ପୂରଣ ପାଇଁ ସକ୍ଷମ କରାଉଛି ।
ରପ୍ତାନୀର ଏହି ସଫଳତା ସାରା ରାଜ୍ୟର ଅନ୍ୟ କୃଷି ଉତ୍ପାଦକ ପୁଞ୍ଜ ଓ କୃଷକମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ।

# ପି.ଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନାର ଅଗ୍ରଗତି ଉପରେ ଜିଲ୍ଲାସ୍ତରୀୟ କମିଟିର ପର୍ଯ୍ୟାଲୋଚନା ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୫/୦୯ (ନି.ପ୍ର): ନିର୍ବାହୀ ଯନ୍ତ୍ରୀ, ଟାଟା ପାୱାର ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ ଲିମିଟେଡ, ସୁବର୍ଣ୍ଣପୁରଙ୍କ ଆହ୍ୱାନ କ୍ରମେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ପି.ଏମ୍ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନାର ଅଗ୍ରଗତି ଉପରେ ଜିଲ୍ଲା ସ୍ତରୀୟ କମିଟିର ପର୍ଯ୍ୟାଲୋଚନା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଥିଲା ସୁବର୍ଣ୍ଣପୁର ଜିଲ୍ଲାରେ ଏହି ଯୋଜନାର କାର୍ଯ୍ୟକାରିତା ଉପରେ ଜିଲ୍ଲାପାଳ ସୁବର୍ଣ୍ଣପୁର ପର୍ଯ୍ୟାଲୋଚନା କରିଥିଲେ। ଏହି ଅବସରରେ ପି.ଏମ୍ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା, ମଡେଲ ସୋଲାର ଗ୍ରାମ ଓ ସରକାରୀ ଅଫିସ ଗୃହରେ ସୋଲାର ଲାଇଟ୍ ବିଦ୍ୟୁତ୍ କରଣ ର ଅଗ୍ରଗତି ଉପରେ ଜିଲ୍ଲା ସ୍ତରୀୟ କମିଟିର ପର୍ଯ୍ୟାଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ପି.ଏମ୍ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ଯୋଜନା ଯାହା ଗତ ୧୩ ଫେବୃୟାରୀ ୨୦୨୪ ତାରିଖରେ କାର୍ଯ୍ୟକାରୀ ହୋଇଥିଲା। ଏହି ଯୋଜନାରେ ୩ କିଲୋୱାଟ ବିଜୁଳି ଘରୋଇ ସଂଯୋଗିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଟ.୧୩୮୦୦୦.୦୦ ଙ୍କା ଇଚ୍ଛୁକ ହିତାଧିକାରୀ ବା ଉପଭୋକ୍ତା ରିହାତି ପାଇପାରିବେ। ଏଥିପାଇଁ ୩୦୦ ସ୍କୋୟର ଫିଟ୍ ଛାତ୍ ଘର ଆବଶ୍ୟକ ଅଟେ। ଏହି ଯୋଜନାରେ ଆମ ରାଜ୍ୟରେ ପ୍ରଥମ ଥର ପାଇଁ ବିଦ୍ୟୁତ୍ ଉପଭୋକ୍ତା ୦୧ (ଏକ) କିଲୋୱାଟ ଘରୋଇ ସଂଯୋଗିକରଣ ପାଇଁ ଟ.୫୦୦୦.୦୦(ପାଂଚ ହଜାର) ସଂଯୋଗୀ କରଣ ଫିଜ୍ ଓ ଟ.୩୭୪୭.୦୦ ଟଙ୍କା ମିଟର ବାବଦକୁ ପୈଠ କଲେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ପ୍ଲାଂଟ ଛାତ ଲଗାଯିବ। ଯାହାର ବିଦ୍ୟୁତ୍ ବିଲର ବକେୟା ଅର୍ଥ ରାଶି ନ ଥିବା, ସେ ଏହି ସୁବିଧା ପାଇପାରିବେ। ସରକାରଙ୍କ ପକ୍ଷରୁ ଯେଉଁ ଗ୍ରାମ ପଂଚାୟତରେ ୧୦୦%(ଶତ ପ୍ରତିଶତ) ହୋଇଥିଲେ। ସରକାରଙ୍କ ପକ୍ଷରୁ ୦୧(ଏକ) କୋଟି ଟଙ୍କାର ଅର୍ଥରାଶି ସୌର ବିଜୁଳି ଭିତ୍ତି ଭୂମି ନିମନ୍ତେ ସେହି ଗ୍ରାମ ପଂଚାୟତରେ ଖର୍ଚ୍ଚ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଅବଗତ କରାଇଥିଲେ। ଏହି ଜିଲ୍ଲା ସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ନିର୍ବାହୀ ଯନ୍ତ୍ରୀ, ଟିପିଡବ୍ଲୁଡିଏଲ, ସୁବର୍ଣ୍ଣପୁର, ଆଶିଷ କୁମାର ପଣ୍ଡା ଓ କମିଟିର ଅନ୍ୟ ସଦସ୍ୟ/ସଦସ୍ୟା ମାନେ ଉପସ୍ଥିତ ଥିଲେ।

# ରେଳ ପ୍ରକଳ୍ପ ଗୁଡିକୁ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

ଭୁବନେଶ୍ୱର , ୨୫/୦୯ (ନି.ପ୍ର): ରାଜ୍ୟରେ ରେଳ ଭିତ୍ତିଭୂମି ବିକାଶ ନିମନ୍ତେ ଚାଲିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକର ସମୀକ୍ଷା ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ , ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ପି. ଫୁନକୁଲ, କମିଶନର ରେଳ ସଂଯୋଜନା ତଥା ଯୁଗ୍ମ ସଚିବ କୌସ୍ତୁଭ ଦୀପ୍ତ ପାଣିଙ୍କ ସମେତ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।
ରେଳ ଭିତ୍ତିଭୂମି ବିକାଶ ନିମନ୍ତେ ନିରନ୍ତର ଭାବେ ଜମି ଅଧିଗ୍ରହଣ ସହ ଅନ୍ୟ ଆବଶ୍ୟକୀୟ ମଞ୍ଜୁରୀ ପ୍ରଦାନ, ପୁଞ୍ଜି ବିନିଯୋଗ ଦିଗରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି। ୪୯୨.୧୨ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବାକୁ ଥିବା ୩୨ କିଲୋମିଟର ବ୍ୟାପୀ ପୁରୀ -କୋଣାର୍କ ରେଳପଥ ଦ୍ୱାରା ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବ, ଏହା ସହିତ ଗୋଟିଏ ଷ୍ଟେସନ-ଗୋଟିଏ ଉତ୍ପାଦ ଅଧୀନରେ ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ମିଳିବ।
ମୟୂରଭଞ୍ଜ ଜିଲ୍ଲାର ୩ଟି ପ୍ରକଳ୍ପ ଯଥା ବାଙ୍ଗିରୀପୋଷି-ଗୋରୁମହିସାଣୀ, ବାଦାମପାହାଡ଼-କେନ୍ଦୁଝରଘର ଏବଂ ବୁଢ଼ାମାରା-ଚାକୁଳିଆ ଉତ୍ତର ଓଡ଼ିଶାକୁ ଦକ୍ଷିଣାଂଚଳ ସହ ଯୋଡ଼ିବ। ଏହା ଦ୍ୱାରା ବେତନଟୀ ଠାରୁ ରାଜଗାଙ୍ଗପୁରକୁ ସିଧାସଳଖ ଯୋଗାଯୋଗ ସ୍ଥାପନା ହୋଇପାରିବ। ଅନୁରୂପ ଭାବେ ଜଳେଶ୍ୱର-ଚନ୍ଦନେଶ୍ୱର ନେଇ ମଧ ଯୋଜନା କରାଯାଇଛି, ଯାହା ଦ୍ୱାରା ସମୁଦ୍ର ତଟବର୍ତ୍ତୀ ପର୍ଯ୍ୟଟନରେ ଅଭିବୃଦ୍ଧି ହେବ। ସେହିଭଳି କେବିକେ ଅଂଚଳରେ ଗୁଣୁପୁର-ଥେରୁବାଲି, ଜୁନାଗଡ଼-ନବରଙ୍ଗପୁର ଏବଂ ମାଲକାନଗିରି-ପାଣ୍ଡୁରାଗପୁରମ୍ ଦ୍ୱାରା ରାୟପୁର ଠାରୁ ବିଜୟୱାଡାକୁ ସିଧାସଳଖ ସମ୍ପର୍କ ସ୍ଥାପନ ହୋଇପାରିବ ।
ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ଖୋର୍ଦ୍ଧା-ବଲାଙ୍ଗୀର ନୂତନ ଲାଇନ ଅଭ୍ୟନ୍ତରୀଣ ଅଂଚଳକୁ ଯୋଗାଯୋଗ ସ୍ଥାପନରେ ସହାୟକ ହେବ ଏବଂ ବରଗଡ଼-ନୂଆପଡ଼ା ରୋଡ ନୂତନ ଲାଇନ ଚାଉଳ ଉତ୍ପାଦନକାରୀ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ଅଂଚଳ ଗୁଡ଼ିକୁ ବଜାର ସହ ସହଜରେ ଯୋଡ଼ି ହେବେ ଏହା ସହିତ କୋଲଇ ରପ୍ତାନୀ ଖର୍ଚ୍ଚ ହ୍ରାସ ହେବା ସହ ଅନୁଗୁଳ-ତାଳଚେର ଏବଂ ରାୟପୁରରେ ପ୍ରଦୂଷଣ ହ୍ରାସ କରିବ।

# ଭୂମି ମାଲିକଙ୍କୁ ସତ୍ୱଲିପି ପ୍ରଦାନ

ପୁରୀ , ୨୫/୦୯ (ନି.ପ୍ର): ବ୍ରହ୍ମଗିରି ତହସିଲ ଅନ୍ତର୍ଗତ ବୁଧଙ୍ଗ ମୌଜାର ଜମି ମାଲିକ ମାନଙ୍କୁ ସତ୍ୱଲିପି ବା ଖତିଆନା ବଂଟନ ଆରମ୍ଭ ହୋଇଛି।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ ଓ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଚକବନ୍ଦୀ ଉପ ନିର୍ଦ୍ଦେଶକ ଡ ଶରତ ଚନ୍ଦ୍ର ମହାପାତ୍ର ଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଚକବନ୍ଦୀ ଅଧିକାରୀ ନିଳମାଧବ ମାଝୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ଆଜି ପୂର୍ବାହ୍ନରେ ଚକବନ୍ଦୀ କାର୍ଯ୍ୟାଳୟ ପରିସରରେ ଚୁଡାନ୍ତ ସତ୍ୱଲିପି ବା ଖତିଆନା ସଂପୃକ୍ତ ଜମି ମାଲିକ ମାନଙ୍କୁ ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟ ରେ ସହକାରୀ ଚକବନ୍ଦୀ ଅଧିକାରୀ ରତ୍ନାକର ସ୍ୱାଇ ଓ କର୍ମଚାରୀ ସହଯୋଗ କରିଥିଲେ।
ସୂଚନା ଯୋଗ୍ୟ ଯେ ପୂର୍ବରୁ ଚୁଡାନ୍ତ ବନ୍ଦୋବସ୍ତ ସତ୍ୱଲିପି ବା ଖତିଆନା ତା ୯.୪ ୧୯୭୬ ରିଖରେ ପ୍ରକାଶନ ହୋଇଥିଲା।ଚକବନ୍ଦୀ କାର୍ଯ୍ୟ ୧୯୯୦ ମସିହାରେ ଆରମ୍ଭ ହୋଇ ତା ୨୪.୯.୨୫ ରିଖରେ ଚକବନ୍ଦୀ ଧାରା ୧୩(୪) ମୁତାବକ ଚୁଡାନ୍ତ ସତ୍ୱଲିପି ପ୍ରକାଶନ କରାଯାଇ ଭୂମି ମାଲିକ ମାନଙ୍କୁ ଆଜି ପ୍ରଦାନ କରାଯାଇଛି।ଅନେକ ଦିନ ଧରି ସତ୍ୱଲିପି ର ସଂଶୋଧନ ହୋଇ ପାରି ନ ଥିବାରୁ ଆମେ ମାନେ ବହୁତ ଅସୁବିଧା ର ସମ୍ମୁଖୀନ ହେଉଥିଲୁ।ବର୍ତ୍ତମାନ ଏହି ସତ୍ୱଲିପି ପାଇଥିବାରୁ ଭୂମି ମାଲିକ ମାନେ ସେମାନଙ୍କ ଖୁସି ବ୍ୟକ୍ତ କରିବା ସହ ସରକାର ଓ ପ୍ରଶାସନ କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ପଲିଥିନ ତଳେ ଚାଲିଛି ଚମ୍ପୁଆ ଲ୍ୟାମ୍ପ କାର୍ଯ୍ୟାଳୟ

ଚମ୍ପୁଆ,୨୪ ସେପଟ୍ମେର (ହି.ସ.)ବିପଦ ସଙ୍କୁଳ ଓ ଅସୁରକ୍ଷିତ ଗୃହରେ ଚାଲିଛି ଚମ୍ପୁଆ ବୃହତାକାର ଆଦିବାସୀ ସମବାୟ ସମିତି କାର୍ଯ୍ୟାଳୟ । ନୂତନ ଗୃହ ଅଭାବ ରୁ ୫୦ ବର୍ଷ ରୁ ଅଧିକ ପୁରୁଣା ଭଙ୍ଗା ଦଦରା ଘରେ ପଲିଥିନ ଟାଣି କାର୍ଯ୍ୟାଳୟ ଚାଲିଛି । ପାଣି ଗଳି ଚାଷୀ ମାନଙ୍କ ପାଇଁ ଆସୁଥିବା ସାର, ବିହନ, ସରକାରୀ ନଥିପତ୍ର ମଧ ନଷ୍ଟ ହେବା ସହ କାର୍ଯ୍ୟାଳୟ ର କମ୍ପ୍ୟୁଟର ଓ ବୈଦ୍ୟୁତିକ ଉପକରଣ ପ୍ରତି ବିପଦ ସୃଷ୍ଟି କରୁଛି । ସାର, ବିହନକୁ ସୁରକ୍ଷିତ ରଖିବା ପାଇଁ ସମିତି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ବ୍ୟବହାର କରାଯାଉଥିବାରୁ ବହୁ ସମୟରେ ଅଧ୍ୟକ୍ଷ ଙ୍କୁ ବାରଣ୍ଡାରେ ବସି କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। ଚାଷୀ ମାନଙ୍କୁ ସଶକ୍ତ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ସମବାୟ ସମିତି ମାଧ୍ୟମରେ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବେଳେ ଚମ୍ପୁଆ ସଦର ମହକୁମାରେ ସ୍ଥିତ ଏହି ସମବାୟ କାର୍ଯ୍ୟାଳୟ ପ୍ରତି ଏଯାଏଁ ପ୍ରଶାସନ ର ଦୃଷ୍ଟି ପଡ଼ିପାରି ନାହିଁ । କାର୍ଯ୍ୟାଳୟ ର ଆଜବେଷ୍ଟ ଘର ଗୁଡ଼ିକ ପୁରୁଣା ହେବା ସହ ଘର ଗୁଡ଼ିକର ରୁଅ ଓ ଶେଣୀ ଦୁର୍ବଳ ହୋଇପଡିଛି । ଅନେକ ସ୍ଥାନରେ ସିଲିଂ ପାଇଁ ଦିଆଯାଇଥିବା ପଟା ଗୁଡିକ ଭାଙ୍ଗି ପଡି ଝୁଲୁଥିବା ଅବସ୍ଥାରେ ରହିଛି । ବର୍ଷା ଦିନରେ ଘର ଗୁଡିକରୁ ପାଣି ଗଳିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଥିବା ବେଳେ କାର୍ଯ୍ୟାଳୟର ଦୂରାବସ୍ଥା ପ୍ରତି ସରକାରଙ୍କ ନଜର ପଡୁ ନାହିଁ । ଅସୁରକ୍ଷିତ କାର୍ଯ୍ୟାଳୟ ଯେ କୌଣସି ବିପଦକୁ ହାତଠାରୀ ଡାକୁଥିବାବେଳେ ସମିତି କର୍ମଚାରୀ ମାନେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି । ସମିତି କର୍ମଚାରୀଙ୍କ ପାଇଁ ସାମାନ୍ୟ ସୁବିଧା ନ ଥିବା ବେଳେ ସେଠାକୁ ଆସୁଥିବା ଚାଷୀ ମାନଙ୍କ ସୁବିଧା ଅସୁବିଧା କିଏ ପଚାରେ । ପୁରୁଣା ପଂଚାୟତ କାର୍ଯ୍ୟାଳୟ ପରିସରକୁ ଲାଗି ଚାଲିଥିବା ଏହି ଲ୍ୟାମ୍ପସ କାର୍ଯ୍ୟାଳୟକୁ ଲାଗି ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ର ନୂତନ ଭବନ ନିର୍ମାଣ ହୋଇଥିବା ବେଳେ ଲ୍ୟାମ୍ପସ କାର୍ଯ୍ୟାଳୟ ର ପରିସର ସଙ୍କୁଚିତ ହୋଇପଡିଛି । ସ୍ଥାନ ଅଭାବରୁ ସାର, ବିହନ , ବିକିବା ପାଇଁ ଧାନ ନେବା ଆଣିବା କରିବା ସହ ମୁଣ୍ଡ ଗୁଞ୍ଜି ଠିଆ ହେବା ପାଇଁ ଚାଷୀ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ବିଭିନ୍ନ ସମୟରେ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଚାଷୀଙ୍କ ସୁବିଧା ପାଇଁ ଲ୍ୟାମ୍ପସ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବୀ ହେଉଛି।

# ଅମ୍ରିତକାଳ ସାଂସ୍କୃତିକ ଉତ୍ସବ ଆରମ୍ଭ

କେନ୍ଦୁଝର, ୨୫/୦୯ (ନି.ପ୍ର): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଅନୁକୂଲ୍ୟରେ ପୂର୍ବାଂଚଳ ସଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ଅମ୍ରିତ କାଳ ସାଂସ୍କୃତିକ ଉତ୍ସବ ଅବସରରେ କେନ୍ଦୁଝର ଜିଲ୍ଲା ସଂସ୍କୃତି ଭବନ ଠାରେ ଦୁଇଦିନ ବ୍ୟାପୀ ସାଂସ୍କୃତିକ ଉତ୍ସବ ଆରମ୍ଭ ହୋଇଛି। ଉଦଘାଟନୀ ଉତ୍ସବ ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇଥିଲେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ।ଏହି ଅବସରରେ ସାଂସ୍କୃତିକ ଅନୁଷ୍ଠାନ ଗୁରୁମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଂଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ଅନୁକୂଲ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅମ୍ରିତକାଳ ସାଂସ୍କୃତିକ ଉତ୍ସବ ମାଧ୍ୟମରେ ଏକ ବିକଶିତ ଭାରତର ଯେଉଁ ପରିକଳ୍ପନା କରାଯାଇଛି ତାହା ଭାରତ ତଥା ଓଡ଼ିଶାର ସଂସ୍କୃତି ସମ୍ପର୍ଣ୍ଣ ନୃତ୍ୟ, ସଂଗୀତକୁ ଗରିମାମୟ କରିପାରିଛି ଏବଂ ଏହି ଉତ୍ସବ ମାଧ୍ୟମରେ କେନ୍ଦୁଝର ଜିଲ୍ଲା ସ୍ଥାନୀୟ କଳାକାର ଗୋଷ୍ଠୀ ନିଜର ନୃତ୍ୟ କଳା ପ୍ରଦର୍ଶନ କରୁଛନ୍ତି। କେନ୍ଦୁଝର ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ଦୁଇ ଦିନଧରି ଅନୁଷ୍ଠିତ ହେଉଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଇନ୍ଦ୍ରଧନୁ ନୃତ୍ୟ ଅନୁଷ୍ଠାନ,ସ୍ୱିରିଟ୍ୟା ଏକାଡେମୀ ଅଫ ପରଫର୍ମିଙ୍ଗ ଆର୍ଟ୍ସ,ସାନ୍ଥଲ ଫୋକ ଡ୍ୟାନ୍ସ,ବୀଣାପାଣି କଳା ନିକେତନ,ଟ୍ରାଇବାଲ ଡ୍ୟାନ୍ସ କେନ୍ଦୁଝର ପ୍ରମୁଖ ସମ୍ବଲପୁରୀ ଏବଂ ଟ୍ରାଇବାଲ ନୃତ୍ୟ ପରିବେଷଣ କରାଯାଇଥିଲା।

# ପାଟଣାରେ ରାବଣପୋଡି ଉତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦୁଝର, ୨୫/୦୯ (ନି.ପ୍ର): ପାଟଣା ମୁଖ୍ୟାଳୟ ମିନି ଷ୍ଟାଡିୟମ ଠାରେ ଚଳିତ ବର୍ଷ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେବ ।ଏଠିପାଇଁ ଏକ ପ୍ରସ୍ତୁତି ବୈଠକ ରାବଣ ପୋଡି କମିଟିର ସଭାପତି ବିଜୟ ରନ୍ ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଏହି ଉତ୍ସବକୁ ଧୁମଧାମରେ ଓ ଅଧିକ ଆକର୍ଷଣୀୟ ଭାବେ ପାଳନ କରାଯିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିଲା । ଏହି ରାବଣ ପୋଡି ଉତ୍ସବରେ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଉପସ୍ଥିତ ରହି ଜନସାଧାରଣ ଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ରାବଣ ପୋଡି ଉତ୍ସବ ଅକ୍ଟୋବର ୨ ତାରିଖ ଗୁରୁବାର ଦିନ ପାଟଣା ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ରେ ଆକର୍ଷଣୀୟ ଆତସବାଜି ସହିତ ରଙ୍ଗାରଙ୍ଗ ମେଲୋଡି 'ସୁର ସାରେଗାମାପା 'କଟକ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବ ବୋଲି ରାବଣ ପୋଡି କମିଟି ତରଫରୁ ସୂଚନା ଦିଆଯାଇଛି। ପ୍ରସ୍ତୁତି ବୈଠକରେ ରାବଣ ପୋଡି କମିଟିର ସଭାପତି ବିଜୟ ରନ୍ ପତି, ଉପସଭାପତି ଅୟସ ନାୟକ, ସମ୍ପାଦକ ପ୍ରକାଶ ସେଠୀ, ବରିଷ୍ଠ ସଦସ୍ୟ ବାଇଧର ସାହୁ, ପ୍ରୀତମ ପଣ୍ଡା, ଯୁଧିଷ୍ଠିର ମହାନ୍ତି, ବିକାଶ ସେଠୀ ଏସ କେ ମାନସୁର, ଦୁଲ୍ଲଭ ଦାସ ପ୍ରମୁଖ ଙ୍କ ସହିତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।ଚଳିତ ବର୍ଷର ଏହି ରାବଣ ପୋଡି ଉତ୍ସବକୁ ସଫଳ କରିବା ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଏହାର ଆନନ୍ଦ ଉଠାଇବା ପାଇଁ ସଭାପତି ବିଜୟରନ୍ ପତି ନିବେଦନ କରିଛନ୍ତି।

# ଆଗ୍ରିଆ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ବେତନଟୀ, ୨୫/୦୯ (ନି.ପ୍ର): ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧିନ ଆଗ୍ରିଆ ପଞ୍ଚାୟତସ୍ଥିତ ବୀଣାପାଣି ଯୁବକ ସଂଘ ତରଫରୁ ଆସନ୍ତା ବର୍ଷ ହେବାକୁ ଥିବା ଆଗ୍ରିଆ ମହୋତ୍ସବ ସମ୍ପର୍କ - ୨୦୨୬ ପାଳନ ହେବ ବୋଲି ସ୍ଥିର ହୋଇଛି। ଏହା ଜାନୁଆରୀ ୨୩ ତାରିଖରୁ ସରସ୍ୱତୀ ପୂଜାଠାରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଧୁମ୍‌ଧାମରେ ପାଳନ ହେବ। ପ୍ରତିବର୍ଷ ଭଳି ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ, ସ୍କୁଲ ପିଲାଙ୍କ ପ୍ରତିଯୋଗିତା, ଆଦିବାସୀ ପରମ୍ପରା ମେଲୋଡି, ଝୁମର ମେଲୋଡି, ରକ୍ତଦାନ ଶିବିର, ଗୃହୀଣୀ ପ୍ରତିଯୋଗିତା, ଡେନ୍ସ ଧମାକା, ମାଗଣା ସ୍ୱାସ୍ଥ୍ୟ ଶିବିର ହେବ। ୨୮ ତାରିଖ ରାତି ମେଲୋଡି ନାଇଟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବ ବୋଲି ସ୍ଥିର କରାଯାଇଥିଲା। ଏହି ବୈଠକରେ ଜୀବନ ପରିଡା, ବିକାଶ ଦାସ, ସଞ୍ଜୀବ ଜେନା, ଶିବନାରାୟଣ ଘୋଷ, ଜିତେନ୍ଦ୍ର ପରିଡ଼ା ,ତପସ୍ୱୀ ରାଉତ, ଚନ୍ଦନ ଦାସ, ଶ୍ରୀଧର ଦେହୁରୀ, ହରିଶ ପ୍ରଧାନ, ଯୋଶୋବନ୍ତ ମହାନ୍ତି, ରାକେଶ ମହାନ୍ତ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଏମ୍ସ ଭୁବନେଶ୍ୱରରେ ୧୦ମ ଆୟୁର୍ବେଦ ଦିବସ ପାଳନ, ଆୟୁଷ୍ୱାଣୀ ପତ୍ରିକା ଉନ୍ମୋଚିତ

ଭୁବନେଶ୍ୱର, ୨୫/୦୯ (ନି.ପ୍ର): ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ), ଭୁବନେଶ୍ୱର, ଆୟୁଷ ବିଭାଗ ପକ୍ଷରୁ ଗତକାଲି ୧୦ମ ଆୟୁର୍ବେଦ ଦିବସ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଯୋଗ ଦେଇଥିଲେ। ଡ. ବିଶ୍ୱାସ ଦୈନନ୍ଦିନ ସ୍ୱାସ୍ଥ୍ୟସେବାରେ ଆୟୁର୍ବେଦର ବର୍ଦ୍ଧିତ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଆଧୁନିକ ଚିକିତ୍ସା ପଦ୍ଧତି ସହିତ ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତିକୁ ସମନ୍ୱିତ କରିବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନେ ଅନୁଷ୍ଠାନର ପତ୍ରିକା "ଆୟୁଷ୍ୱାଣୀ"କୁ ଉନ୍ମୋଚିତ କରିଥିଲେ। ଆୟୁଷ ବିଭାଗ ପକ୍ଷରୁ ପ୍ରକାଶିତ ଏହି ପତ୍ରିକା ଆୟୁର୍ବେଦ ସମ୍ପର୍କରେ ବିଭିନ୍ନ ସୂଚନା ଦେବା ସହିତ ଗବେଷଣାତ୍ମକ ତଥ୍ୟ ପ୍ରଦାନ କରିବାରେ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ।
ଏମ୍ସ ଭୁବନେଶ୍ୱରରେ ଆୟୁଷ ବିଭାଗ ଉଭୟ ଓପିଡି ଏବଂ ଆଇପିଡି ସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ପଂଚକର୍ମ, ଶିରୋଧାର, ଜାନୁବସ୍ତି, କଟି ବସ୍ତି, ଶିରୋବସ୍ତି, ନେତ୍ର କ୍ରିୟାକଳ୍ପ, ଯୋଗିକ କ୍ରିୟା ସମେତ ଶାସ୍ତ୍ରୀୟ ଆୟୁର୍ବେଦିକ ଚିକିତ୍ସାର ଏକ ବିସ୍ତୃତ ସେବା ପ୍ରଦାନ କରୁଛି। ଏହି ବିଭାଗ ରୋଗୀମାନଙ୍କୁ ମାଗଣାରେ ଆୟୁର୍ବେଦିକ, ହୋମିଓପାଥିକ୍ ଏବଂ ୟୁନାନି ଔଷଧ ପ୍ରଦାନ କରୁଥିବା ଏକ ସ୍ୱତନ୍ତ୍ର ଫାର୍ମାସି ମଧ ପରିଚାଳନା କରୁଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି।
ଏହି ବିଭାଗ ପକ୍ଷରୁ ଜଟିଳ ଅଲ୍ସର, ଭାରିକୋଜ୍ ଭେନ୍ ଏବଂ ଏକଜିମା ଭଳି ଅବସ୍ଥା ପାଇଁ ଲିଚ୍ ଥେରାପି ପ୍ରଚଳନ କରିଛି। ଫିଷ୍ଟୁଲା ଏବଂ ପାଇଲୋନିଡାଲ୍ ସାଇନସ୍ ସମେତ ଆନୋରେକ୍ଟାଲ୍ ରୋଗ ପରିଚାଳନା ପାଇଁ ଏକ ଉତ୍ସର୍ଗୀକୃତ କ୍ଷରସୂତ୍ର ଅପରେସନ୍ ଥିଏଟର୍ ମଧ କାର୍ଯ୍ୟକ୍ଷମ। ଏହା ବ୍ୟତୀତ, ଗ୍ଲୁକୋମା ଏବଂ ଡାଏବେଟିକ୍ ରେଟିନୋପାଥି ଭଳି ଚକ୍ଷୁ ରୋଗଗୁଡ଼ିକୁ କ୍ରିୟାକଳ୍ପ ଏବଂ ପଂଚକର୍ମ ପ୍ରକ୍ରିୟା ମାଧ୍ୟମରେ ପରିଚାଳନା କରାଯାଉଛି।
ଆୟୁଷ ବିଭାଗ ରୋଗୀଙ୍କ ଚିକିତ୍ସା ଏବଂ ନିଦାନ ପାଇଁ ଅନ୍ୟ କ୍ଲିନିକାଲ୍ ୟୁନିଟ୍ ସହିତ ସମନ୍ୱିତ ଭାବରେ କାର୍ଯ୍ୟ କରୁଛି। ଏଥିସହିତ ମଧୁମେହ, ଡିସଲିପିଡେମିଆ, ଅଷ୍ଟିଓଆର୍ଥରାଇଟିସ୍, ରିଉମାଟେଡ୍ ଆର୍ଥ୍ରାଇଟିସ୍, ପିସିଓଏସ୍, ବନ୍ଧ୍ୟାତ୍ୱ ଏବଂ ଚର୍ମ ରୋଗ ସମେତ ବିଭିନ୍ନ ଅବସ୍ଥା ସମ୍ପର୍କରେ ଗବେଷଣା କାର୍ଯ୍ୟ ମଧ ଜାରି ରହିଛି।
ଡିଜିଟାଲ୍ ନାଡ଼ି ପରୀକ୍ଷା (ନାଡ଼ି ତରଙ୍ଗିଣୀ) ବ୍ୟବହାର କରି ବ୍ୟକ୍ତିଗତ ଚିକିତ୍ସା ପ୍ରଚଳନ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସାମୁଦାୟିକ ଯୋଗାଯୋଗର ଅଂଶ ଭାବରେ ନିୟମିତ ଆୟୁଷ ସ୍ୱାସ୍ଥ୍ୟ ଶିବିର ଏବଂ ପିଲାମାନଙ୍କ ପାଇଁ ମାସିକ ସ୍ୱର୍ଣ୍ଣ ବିନ୍ଦୁ ପ୍ରଶାନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।
କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡା, ଡିଡିଏ ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର, ବରିଷ୍ଠ ଚିକିତ୍ସା ଅଧିକାରୀ ତଥା ଆୟୁଷ ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ କୁମାର ସାହୁ, ଡ. ଅଜିତ କୁମାର ପ୍ରଧାନ (ଆୟୁର୍ବେଦ), ଅଧ୍ୟାପକ, କର୍ମଚାରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ।

# ସରକାରୀ ମହିଳା ମହାବିଦ୍ୟାଳୟରେ 'ଏନ୍.ଏସ୍.ଏସ୍' ପ୍ରତିଷ୍ଠା ଦିବସ ପାଳିତ

ଜୟପୁର, ୨୫/୦୯ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟରେ ' ଏନ୍.ଏସ୍.ଏସ୍ ' ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସୁନା କାର୍ଯ୍ୟକ୍ରମକୁ ଉଦଘାଟନ କରିବା ପୂର୍ବକ ଏନ୍.ଏସ୍.ଏସ୍ ର ଲକ୍ଷ୍ୟ, ଅଭିପ୍ରାୟ ଏବଂ ଭାବନାରେ ସ୍ୱଚ୍ଛତା ଓ ନିଃସ୍ୱାର୍ଥ ସେବା ସମ୍ପର୍କରେ ଛାତ୍ରୀମାନଙ୍କୁ ଉତ୍ସାହିତ ବାଣୀ ପ୍ରଦାନ କରିଥିଲେ ।ଏହାପରେ ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଡ. ଡମ୍ବରୁଧର ଦାସ ସେବାରେ କୌଣସି ପ୍ରାପ୍ତିର ଆଶା ନ ରଖିବା ଏବଂ ମହାପୁରୁଷଙ୍କ ଜୀବନରୁ ଶିକ୍ଷା ଗ୍ରହଣ କରିବା ସମ୍ପର୍କରେ କହିଥିଲେ । ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀମତୀ ସୀମା ମହାପାତ୍ର ଏନ୍.ଏସ୍.ଏସ୍ ର ସଂଜ୍ଞା ପ୍ରଦାନ ପୂର୍ବକ 'ନଟ୍ ମି ବଟ୍ ୟୁ' ର ଯଥାର୍ଥତା ପ୍ରତିପାଦନ କରିଥିଲେ କ୍ଷ ଯୁକ୍ତ ତିନି ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀମତୀ ସୁନିତା କୁମାରୀ ପ୍ରଧାନ ଏନ୍.ଏସ୍.ଏସ୍ ଦିବସର ମହତ୍ତ୍ୱ ପ୍ରତିପାଦନ କରିଥିଲେ।

# ଗାଁ କଲ୍ୟାଣ ସମିତି ଗୁଡିକୁ ସକ୍ରିୟ କରିବାକୁ ଦାବି

ଗଂଜାମ, ୨୫/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଶେରଗଡ଼ ବ୍ଲକ ରେ ଗାଁ କଲ୍ୟାଣ ସମିତି ଗୁଡିକ ନିଷ୍କ୍ରିୟ ହୋଇପଡିଛି। ୱାର୍ଡସଭ୍ୟ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ଓ ସମିତିର ସଭ୍ୟ ସଭ୍ୟା ମାନଙ୍କ ଅସହଯୋଗ ମନୋଭାବ ଯୋଗୁଁ ସମିତି ଗୁଡିକ ଠିକ ରୂପେ କାର୍ଯ୍ୟ କରୁନାହିଁ। ଫଳରେ ଗାଁ ଗୁଡ଼ିକରେ ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ମେଳା ଗ୍ରାମରେ ଗୁଡିକରେ ସଫେଇ କାର୍ଯ୍ୟଭଳି ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମ ହେଉନି। ଫଳରେ ପ୍ରତ୍ୟେକ ଗାଁ କଲ୍ୟାଣ ସମିତି ରେ ୧୦ରୁ ୨୦ ହଜାର ସରକାର ଙ୍କଠାରୁ ମିଳୁଥିବା ବାର୍ଷିକ ଅନୁଦାନ ଖର୍ଚ୍ଚ ନହୋଇ ପଡିରହିବା ଫଳରେ ପରବର୍ତ୍ତୀ ଅନୁଦାନ କମିକମିଯାଉଛି। କେତେକ ସମିତି ରେ ଆଶାକର୍ମୀ,ଆବାହିକାଙ୍କ ବୈଠକ କାର୍ଯ୍ୟ ରେ ଅନୁଦାନ ଅର୍ଥ ଅଧିକ ଖର୍ଚ୍ଚ ହେଉଥିବା ରୁ ସମିତି ର ଅନ୍ୟ ସଭ୍ୟ ସଭ୍ୟା ମାନେ ସମିତି ର କାର୍ଯ୍ୟକ୍ରମ ପାଇଁ ଆଗ୍ରହୀ ହେଉନଥିବା ଜଣାପଡିଛି। କେତେକ ଗାଁ ରେ ଗ୍ରାମ୍ୟ ରାଜନୀତି ପ୍ରବେଶ ଯୋଗୁଁ ଗାଁ କଲ୍ୟାଣ ସମିତି କର୍ମକର୍ତ୍ତାମାନେ ଅଣନିଃଶ୍ୱାସୀ ହୋଇ ସମିତିଠାରୁ ଦୂରେଇ ରହୁଛନ୍ତି । ତୁରନ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ବିଡିଓ ଓ ସିଡ଼ିପିଓ ଘଟଣା ର ଅନୁଧ୍ୟାନ କରି ଗାଁ କଲ୍ୟାଣ ସମିତି ଗୁଡିକୁ ସକ୍ରିୟ କରିବା ପାଇଁ ପଦକ୍ଷେପ ନେବାକୁ ଜନ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଲଦାଖ ହିଂସା...

ବିକ୍ଷୋଭ ହିଂସାର ରୂପ ନେବା ପରେ ଅନଶନ ଭାଙ୍ଗିଛନ୍ତି ଓ୍ୱାଙ୍ଗଚୁକ୍ । ଲଦାଖ ହିଂସା ଘଟଣାରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟାନୁଷ୍ଠାନ । ବିକ୍ଷୋଭକାରୀଙ୍କ ନେତା ତଥା ପରିବେଶ ଅଧିକାର କର୍ମୀ ସୋନମ ଓ୍ୱାଙ୍ଗଚୁକଙ୍କ ଏନଜିଓ ଲାଇସେନ୍ସ ବାତିଲ । ନିୟମ ଉଲଙ୍ଘନ ଅଭିଯୋଗରେ ଓ୍ୱାଙ୍ଗଚୁକ୍‌ଙ୍କ 'ଷ୍ଟୁଡେଣ୍ଟ ଏଜୁକେସନାଲ ଏବଂ କଲଚରାଲ ମୁଭମେଣ୍ଟ ଅଫ ଲଦାଖ' ର ଏଫସିଆରଏ ଲାଇସେନ୍ସ ବାତିଲ କରିଦିଆଯାଇଛି। ଯାହାଦ୍ୱାରା ତାଙ୍କ ଏନଜିଓ ଆଉ ବିଦେଶରୁ ଅର୍ଥ ପାଇପାରିବ ନାହିଁ। ତାଙ୍କ ଏନଜିଓ ୨୦୨୨ ଏବଂ ୨୦୨୪ରେ ବିଦେଶରୁ ୨ କୋଟି ୩୦ ଲକ୍ଷ ଟଙ୍କା ପାଇଥିଲା । ଅଜଣା ବ୍ୟକ୍ତିଙ୍କ ଜରିଆରେ ଟଙ୍କା ତାଙ୍କ ଆକାଉଣ୍ଟକୁ ଆସୁଥିଲା । ଉତ୍ତେଜନାମୂଳକ ବୟାନ, ରାଜନୈତିକ ଭାବେ ପ୍ରେରିତ ବ୍ୟକ୍ତିବିଶେଷ ଯୋଗୁ ଏଭଳି ହିଂସା ହୋଇଥିବା କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଲଦାଖ ଉପରାଜ୍ୟପାଳ କଭିନ୍ଦର ଗୁପ୍ତା ହିଂସା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି । ତେବେ ଆନ୍ଦୋଳନକାରୀ ଦାବି ଉପରେ ଆଲୋଚନା ଜାରି ରହିଛି । ଲଦାଖ ହିଂସା ଘଟଣାରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟାନୁଷ୍ଠାନ । ବିକ୍ଷୋଭକାରୀଙ୍କ ନେତା ତଥା ପରିବେଶ ଅଧିକାର କର୍ମୀ ସୋନମ ଓ୍ୱାଙ୍ଗଚୁକଙ୍କ ଏନଜିଓ ଲାଇସେନ୍ସ ବାତିଲ । ନିୟମ ଉଲଙ୍ଘନ ଅଭିଯୋଗରେ ଓ୍ୱାଙ୍ଗଚୁକ୍‌ଙ୍କ 'ଷ୍ଟୁଡେଣ୍ଟ ଏଜୁକେସନାଲ ଏବଂ କଲଚରାଲ ମୁଭମେଣ୍ଟ ଅଫ ଲଦାଖ' ର ଏଫସିଆରଏ ଲାଇସେନ୍ସ ବାତିଲ କରିଦିଆଯାଇଛି। ଯାହାଦ୍ୱାରା ତାଙ୍କ ଏନଜିଓ ଆଉ ବିଦେଶରୁ ଅର୍ଥ ପାଇପାରିବ ନାହିଁ। ତାଙ୍କ ଏନଜିଓ ୨୦୨୨ ଏବଂ ୨୦୨୪ରେ ବିଦେଶରୁ ୨ କୋଟି ୩୦ ଲକ୍ଷ ଟଙ୍କା ପାଇଥିଲା । ଅଜଣା ବ୍ୟକ୍ତିଙ୍କ ଜରିଆରେ ଟଙ୍କା ତାଙ୍କ ଆକାଉଣ୍ଟକୁ ଆସୁଥିଲା । ଯାହା ବେଆଇନ ଅର୍ଥ ହେରଫେର ନେଇ ସନ୍ଦେହ ସୃଷ୍ଟି କରିଥିଲା । ଲଦାଖ ହିଂସା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏନଜିଓକୁ ଆସୁଥିବା ଅର୍ଥ ରାଶି ଓ୍ୱାଙ୍ଗଚୁକ୍‌ଙ୍କ ନିଜ ବ୍ୟକ୍ତିଗତ ଏବଂ ଜଏଣ୍ଟ ଆକାଉଣ୍ଟକୁ ଆସୁଥିବା କେନ୍ଦ୍ର ଗୃହମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଯାହା ଏଫସିଆରଏ ୨୦୧୦ ନିୟମର ଉଲଙ୍ଘନ କରିଛି । ସୋନମଙ୍କ ୯ ଟି ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟ ଥିବା ବେଳେ ସେଥିରୁ ୮ ଟି ଆକାଉଣ୍ଟ ଗୋପନ ରଖାଯାଇଥିଲା ।

### ସିଏଜି ଧରିଲା ସାଂଘାତିକ...

୫ଟି କଲେଜ ହୋଇପାରିନଥିବା ବେଳେ ଗୋଟିଏ କଲେଜକୁ ରାଜପଥ ନିର୍ମାଣ ପାଇଁ ଅଧିଗ୍ରହଣ ହୋଇଛି । ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଉନ୍ନତି ପାଇଁ ଆସିଥିବା ଟଙ୍କାରେ କୁଳପତିଙ୍କ ବାସଭବନ ପାଇଁ କିଣାଯାଇଛି ସୌଖୀନ ସାମଗ୍ରୀ । ଯାହାକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଜେପି-ବିଜେଡି । ପ୍ରଶ୍ନ ଉଠୁଛି, ସିଏଜି ଧରିଥିବା ଦୁର୍ନୀତିର କେବେ ହେବ ତଦନ୍ତ ? କେବେ କାର୍ଯ୍ୟାନୁଷ୍ଠାନ ନେବେ ସରକାର ?

### ଏଥର ବି କଲେଜ...

ଯଦିଓ ସରକାର ଏ ଯାଏଁ କିଛି ସ୍ପଷ୍ଟୀକରଣ ଦେଇନାହାନ୍ତି ତଥାପି ସରକାରଙ୍କ ଉପରେ ବର୍ଷିଛନ୍ତି ବିଭିନ୍ନ ଛାତ୍ର ସଙ୍ଗଠନ । ୨୦୧୮ ମସିହାଠାରୁ ଓଡ଼ିଶାର କୌଣସି କଲେଜରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ । ୨୦୧୮ରେ ବାତ୍ୟା ତିତିଲି ପାଇଁ ନିର୍ବାଚନ ବାତିଲ୍ ହୋଇଥିଲା । ୨୦୧୯ରେ କ୍ୟାମ୍ପସ୍ ହିଂସାର ଆଳ କରି ପୂରା ରାଜ୍ୟରେ ସରକାର ନିର୍ବାଚନ ବନ୍ଦ କରିଦେଲେ । ୨୦୨୦ ଓ ୨୧ରେ କୋଭିଡ୍ ପାଇଁ ନିର୍ବାଚନ ହୋଇନଥିଲା । ୨୦୨୨ରେ କୌଣସି କାରଣ ନଥାଇ ସରକାର ନିର୍ବାଚନ କରାଇଲେ ନାହିଁ । ନୂଆ ସରକାର ଆସିବା ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି କହିଥିଲେ । ଏହାକୁ ନେଇ ଉତ୍ସାହିତ ଥିଲେ ବିଭିନ୍ନ ଛାତ୍ର ସଙ୍ଗଠନ । ଏବେ ଅସନ୍ତୋଷ ଝାଡ଼ିଛନ୍ତି । ବିଭିନ୍ନ ଶିକ୍ଷାନୁଷ୍ଠାନରେ ହିଂସା ବଢୁଥିବାରୁ ଓ ଫକୀର ମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସରକାର ଛାତ୍ର ସଂସଦ ନିର୍ବାଚନ ପାଇଁ ପଛଘୁଞ୍ଚା ଦେଉଥିବା ଚର୍ଚ୍ଚା ହେଉଛି ।

### ଅକ୍ଟୋବର ୬ ପରେ ଘୋଷଣା...

ସେହିପରି ଆସନ୍ତାବର୍ଷ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ବିଜେପି ପକ୍ଷରୁ ପ୍ରଭାରୀ ଦାୟିତ୍ୱ ଓ ତ୍ରିପୁରା ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ ଦେବ ସହ- ପ୍ରଭାରୀ ଦାୟିତ୍ୱ ତୁଲାଇବେ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି ନଡ୍ଡା ଏମାନଙ୍କୁ ନିଯୁକ୍ତି ଦେଇଛନ୍ତି ।

### ସୁଧୁରୁଛି ଅଭିଜିତ...

ନିମୋନିଆ, ଲିଭର ଜନିତ ରୋଗରେ ପୀଡ଼ିତ ଅଛନ୍ତି ସଙ୍ଗୀତଜ୍ଞ । ତେବେ ବର୍ତ୍ତମାନ ତାଙ୍କୁ ଆଇସିୟୁର ସାଧାରଣ ଓ୍ୱାର୍ଡକୁ ସ୍ଥାନାନ୍ତର କରାଯାଇଛି । ଏମ୍ସର ମେଡିସିନ ଓ୍ୱାର୍ଡରେ ଚାଲିଛି ତାଙ୍କର ଚିକିତ୍ସା । ଗତ କିଛି ଦିନ ହେବ ଲିଭର ସିରୋସିସରେ ପୀଡ଼ିତ ଅଛନ୍ତି ଅଭିଜିତ । ଏଥିପାଇଁ ଚିକିତ୍ସା ବି ଚାଲିଥିଲା । ସମୟ ଗଡ଼ିବା ସହ ଏବେ ଅନ୍ୟ ସମସ୍ୟା ବି ବଢୁଥିବା କଥା ଡାକ୍ତରୀ ଦଳ କହିଥିଲେ । ଅଭିନେତା ବାବୁସାନ ମହାନ୍ତି ଏମ୍ସରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ । ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିବାକୁ ନିବେଦନ ମଧ୍ୟ କରିଥିଲେ ବାବୁସାନ । ଓଡ଼ିଆ ଫିଲ୍ମ ଜଗତର ବ୍ୟକ୍ତି ବିଶେଷ ଏମ୍ସ ଯାଇ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କିଛି ରାଜନେତା ନିଜ ସୋସିଆଲ ମିଡିଆରେ ଅଭିଜିତଙ୍କ ଆଶୁ ଆରୋଗ୍ୟ ପାଇଁ କାମନା କରିଥିଲେ ।

### ଲଗାଣ ବର୍ଷାକୁ ନେଇ...

ଆବଶ୍ୟକ ହେଲେ ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ମୁତୟନ କରାଯିବ । ଲଘୁଚାପଟି ଅବପାତରେ ପରିଣତ ହେଲେ ଦକ୍ଷିଣ ଓଡ଼ିଶାରେ ଏହାର ପ୍ରଭାବ ଅଧିକ ପଡ଼ିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ, ସମସ୍ତ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିନା ଅନୁମତିରେ ଯେପରି ଜିଲ୍ଲାର କୌଣସି ଅଧିକାରୀ ହେଡକ୍ୱାର୍ଟର ଛାଡ଼ିପାରିବେନି ସେନେଇ ସୂଚନା ଦେଇଛନ୍ତି । ଗଞ୍ଜାମ ଜିଲ୍ଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ଜିଲ୍ଲାରେ ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରି ରଖାଯାଇଛି ।

# ସେବା ଯୋଜନା ଦେଖିଛି ସମଗ୍ର ବସୁଧାକୁ ଗୋଟିଏ କୁଟୁମ୍ବ କରି ଗଢ଼ି ତୋଳିବାର ସ୍ୱପ୍ନ : ସସ୍ମିତା ଲାୟା




ଉଦଳା , ୨୫/୯ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, କୁଣ୍ଡାବାଇ ଗ୍ରାମସ୍ଥିତ ରୋହିଦାସ ସୋରେନ କନିଷ୍ଠ ମହାବିଦ୍ୟାଳୟ ଓ କପ୍ତିପଦା ବ୍ଲକର ନୁଦଢ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଚଳିତ ସେପ୍ଟେମ୍ବର ୨୪ ତାରିଖ ବୁଧବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇ ଯାଇଛି । ପ୍ରଭାତରେ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ, ରୋହିଦାସ ସୋରେନ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରବିନ୍ଦ ମୁଦୁଲି ଓ ମେଘାସନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ପ୍ରମୁଖ ନିଜ ନିଜର ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ପତାକା ଉତୋଳନ କରି ଦିବସ ବ୍ୟାପି ହେବାକୁ ଥିବା ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମର ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ମେଘାସନ ମହାବିଦ୍ୟାଳୟ ପରିସରରେ ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ମୋଟ ୩୦ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସସ୍ମିତା ଲାୟା, ସମୀର ଭୋଇ, ଯୁବ ରେଡ୍‌କ୍ରସର ସଂଯୋଜକ ବିଜୟ କୁମାର ନାୟକ, ସହ ସଂଯୋଜିକା ଡ଼. କମଳିନି ପଣ୍ଡା, ଜାତୀୟ ସମର ଶିକ୍ଷାର୍ଥି ବାହିନିର ଅଧିକାରୀ ଲାପ୍ଟନାଂଟ ଅରୁଣ କୁମାର ଜେନା ପ୍ରମୁଖ ଏହାର ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଅଧ୍ୟାପିକା ସସ୍ମିତା ଲାୟା ସେବା ଯୋଜନା ଦିବସ ସମ୍ପର୍କରେ କହିବାକୁ ଯାଇ , ସମଗ୍ର ବସୁଧାକୁ ଗୋଟିଏ କୁଟୁମ୍ବ କରି ଗଢ଼ି ତୋଳିବାର ସ୍ୱପ୍ନ କିପରି ଜାତୀୟ ସେବା ଯୋଜନା ଦେଖିଛି ବ୍ୟକ୍ତ କରିଥିଲେ । ସେହିପରି ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ସଫେଇ ଓ କୁଇଜ ପ୍ରତିଯୋଗିତାର ପର୍ବ ଅନୁଷ୍ଠିତ ହୋଇଥିଲା । ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ମେରିନା ପଣ୍ଡା ଓ ଅଧ୍ୟାପକ ଗିରିଜା ଶଙ୍କର ପାତ୍ର ସମସ୍ତ କାର୍ଯ୍ୟ ପରିଚାଳନାର ନେତୃତ୍ୱ ନେଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର କାଉନସିଲର ଶରତଚନ୍ଦ୍ର ଦାସ ଓ କର୍ମଚାରୀ ସଂଜୟ କୁମାର ପାଢ଼ୀ ଅତିଥି ଭାବରେ ଯୋଗ ଦେଇ ଚାଲିଥିବା ସେବାପକ୍ଷ ପାଳନର ଉଦ୍ଦେଶ୍ୟ ଓ ମହାତ୍ମା ଗାନ୍ଧୀଙ୍କ ଦର୍ଶନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରୋହିଦାସ ସୋରେନ କନିଷ୍ଠ ମହାବିଦ୍ୟାଳୟରେ ସଫେଇ ଓ ବକ୍ତୃତା ପ୍ରତିଯୋଗିତାର ପର୍ବ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବିଜୟ କୁମାର ପଣ୍ଡା ପରିଚାଳନାର ଦାୟିତ୍ୱ ତୁଲାଇବା ସହ ପୁରସ୍କାର ବିତରଣ ପର୍ବରେ ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବରେ ଅଧ୍ୟାପକ ଉପେନ୍ଦ୍ର ପ୍ରସାଦ ବେହେରା, ଚିତରଂଜନ ମହାପାତ୍ର, ଅଧ୍ୟାପିକା ଲିନା ନାୟକ ଯୋଗଦେଇ ଦେଶ ଗଠନରେ ସେବା ଯୋଜନାର ଭୂମିକା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଶେଷରେ ଅଧ୍ୟାପକ ରାଜୁ ମହାନ୍ତ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମରେ ଯବନିକା ପକାଇଥିଲେ ।

# କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଆଇନ -୨୦୧୩ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ବାରିପଦା , ୨୫/୯ (ନି.ପ୍ର): ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷିଦ୍ଧ ଓ ନିରାକରଣ) ଆଇନ-୨୦୧୩ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା, ଜିଲ୍ଲା ଏଲସିସିର ଅଧକ୍ଷା ଶ୍ରୀମତୀ ସୁମିତ୍ରା ମୁର୍ମୁ, ଏଲସିସିରେ ସଦସ୍ୟା ଏଡ଼ଭୋକେଟ କାବେରୀ ମିଶ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ତଥା ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ସସ୍ମିତା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି ଶିବିର ଆୟୋଜନର ଉଦେଶ୍ୟ ବ୍ୟକ୍ତ କରିଥିଲେ। ଉପଜିଲ୍ଲାପାଳ ଡ଼.ପରିଡା, ସରକାରଙ୍କ ଦ୍ୱାରା ଏହି ଆଇନ ପ୍ରଣୟନର କାହିଁକି ଆବଶ୍ୟକତା ଦେଖାଦେଲା ସେ ବିଷୟରେ ଉଲ୍ଲେଖ କରିବା ସହ କାର୍ଯ୍ୟାଳୟରେ ଆମେ ଉଭୟ ପୁରୁଷ ଓ ମହିଳା ପ୍ରତ୍ୟେକ କର୍ମଚାରୀ କୌଣସି ପ୍ରକାର ଅବାଂଛିତ ଯୌନ ଆଚରଣ ବା ବ୍ୟବହାର ନକରି ଗୋଟିଏ ସୁସ୍ଥ ବାତାବରଣ ମଧ୍ୟରେ ନିଜ ନିଜ ଦାୟିତ୍ୱ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ଏଲସିସି ସଦସ୍ୟା ଏହି ଆଇନ ବିଷୟରେ ବିସ୍ତୃତ ଭାବେ ଉପସ୍ଥାପନ କରିବାକୁ ଯାଇ ବିଭିନ୍ନ ପ୍ରସଙ୍ଗ ଯଥା କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ କ'ଣ ଓ ଏହାର ପ୍ରକାର ଭେଦ, କାର୍ଯ୍ୟକ୍ଷେତ୍ର କାହାକୁ କୁହାଯାଏ, ଯୌନ ଉତ୍ପୀଡ଼ନ ଘଟୁଥିବା କାର୍ଯ୍ୟକ୍ଷେତ୍ରର ପରିସର, ଏହି ଆଇନ ଅନୁସାରେ କିଏ ଅଭିଯୋଗ କରିପାରିବେ, କାହା ନିକଟରେ ଅଭିଯୋଗ କରିପାରିବେ, ଆଇନରେ କାହାକୁ ସୁରକ୍ଷା ଦିଆଯାଏ, ଆଇସିସି (ଆଭ୍ୟନ୍ତରୀଣ ଅଭିଯୋଗ କମିଟି) ଓ ଏଲସିସି (ସ୍ଥାନୀୟ ଅଭିଯୋଗ କମିଟି) ର ଗଠନ ପ୍ରଣାଳୀ ଓ ଏଗୁଡିକର କାର୍ଯ୍ୟପରିସର, ଦାୟିତ୍ୱ ତଥା ଅଭିଯୋଗ ବାବଦରେ ତଦନ୍ତ ପ୍ରକ୍ରିୟା, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ, କମିଟିର କାର୍ଯ୍ୟାନୁଷ୍ଠାନରେ ନିର୍ଯ୍ୟାତିତ ସନ୍ତୋଷ ନହେଲେ ପରବର୍ତୀ ପଦକ୍ଷେପ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ଏହି ଆଇନର ଉପଯୁକ୍ତ କାର୍ଯ୍ୟକାରିତା ପାଇଁ ବ୍ୟାପକ ଜନ ସଚେତନତାର ଆବଶ୍ୟକତା ଅଛି ବୋଲି କହିଥିଲେ। କାରଣ ଆଇନ ବିଷୟରେ ଲୋକେ ଯେତେ ବେଶୀ ସଚେତନ ହେବେ, ଯୌନ ଉତ୍ପୀଡ଼ନ ମାମଲା ସେତିକି ମାତ୍ରାରେ କମ ହେବ। ଏହାକୁ ରୋକିବାକୁ ହେଲେ ସମାଜର ସବୁ ବର୍ଗର ଲୋକଙ୍କ ସହଭାଗୀତା ଆବଶ୍ୟକତା ଅଛି ବୋଲି କହିଥିଲେ। ଏହାପରେ ପ୍ରଶ୍ନ ଉତ୍ତର ମାଧ୍ୟମରେ ପ୍ରଶିକ୍ଷାର୍ଥୀ ମାନଙ୍କ ସନ୍ଦେହ ମୋଚନ କରିଥିଲେ। ଏହାପରେ ଶ୍ରୀମତୀ ସସ୍ମିତା ମହାନ୍ତି ଓ କପ୍ତିପଦା ଉପଖଣ୍ଡର କାର୍ଯ୍ୟକ୍ରମ ଅଧିକାରୀଣୀ ପିପିଟି ଜରିଆରେ ଏହି ଆଇନ ଉପରେ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇସିଡିଏସ ସେଲର ପ୍ରୋଗ୍ରାମ ଅଫିସର ସୁକାନ୍ତି ସେଠୀ, ମିନତୀ ସାହୁ, ସାଲମଣି ସୋରେନ,ଜୟଶ୍ରୀ ହୋତା, ବିଭିନ୍ନ ବ୍ଲକର ସିଡିପିଓ,ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ଜିଲ୍ଲା ସଂଯୋଜକ ସୀମାନ୍ତ ଦିଗାର ଓ ଏହାର କର୍ମଚାରୀ ବୃନ୍ଦ, ବିଭିନ୍ନ ବିଭାଗର ଆଇସିସି ସଦସ୍ୟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ। ଶେଷରେ ଶ୍ରୀମତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ

### ପାଣିରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ବେତନଟୀ,୨୫/୯(ନି.ପ୍ର) : ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଭାଲିଆଡିହା ପଞ୍ଚାୟତ କଲରାଫୁଲିଆ ନିକଟସ୍ଥ ବାଉରା ନଦୀରେ ଜନୈକା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ସୂଚନା ଅନୁଯାୟୀ ବେତନଟୀ ଥାନା ଅଧୀନ କରତପଟା ଗ୍ରାମର କୁନ୍ତଳା ନାଏକ ନାମକ ୭୦ବର୍ଷ ବୟସ୍କ ବୃଦ୍ଧା ଗୁରୁବାର ଅପରାହ୍ନରେ ନିକଟସ୍ଥ ବାଉରା ନଦୀକୁ ଗାଧୋଇବାକୁ ଯାଇ ଦୁର୍ଭାଗ୍ୟକୁ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କ ଶରୀର ପାଣିରେ ଭାସୁଥିବା ଅବସ୍ଥାରେ ଦେଖି ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ବଡଜାମବଣି ଫାଣ୍ଡି ଅଧିକାରୀ ଭାବଗ୍ରାହୀ ମହାନ୍ତ ଏବଂ ଅନ୍ୟ ପୁଲିସ କର୍ମଚାରୀ ପହଞ୍ଚି ଚିତ୍ରଡା ଅଗ୍ନିଶମ ବାହିନୀ ସହଯୋଗରେ ପାଣି ଭିତରୁ ସଂଜ୍ଞାହୀନ ଅବସ୍ଥାରେ କୁନ୍ତଳାଙ୍କୁ ଉଦ୍ଧାର କରି ନିକଟସ୍ଥ କିଶାନତାଣ୍ଡି ଡାକ୍ତରଖାନା ଆଣିଥିଲେ।ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏସମ୍ପର୍କରେ ବେତନଟୀ ଥାନାରେ ୪୬/ ୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଯାଇଥିବା ସୂଚନା ମିଳିଛି।

# ଟିବି ରୋଗୀଙ୍କୁ ସହାୟତାର ହାତ ବଢାଇଲା ଇଫ୍‌କୋ



ପାରାଦୀପ, ୨୫/୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନ ଅଧିନରେ ନିକ୍ଷ ମିତ୍ର ପାରାଦୀପର ଇଫକୋ ୟୁନିଟ୍ ପକ୍ଷରୁ ଟିବି ରୋଗୀମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା, ମାର୍ଶାଘାଇ ଓ ଗରଦପୁର ବ୍ଲକ୍‌ର ୧୦୦ଜଣ ଟିବି ରୋଗୀଙ୍କୁ ଏକ ବର୍ଷ ନିମନ୍ତେ ସହାୟତା ପ୍ରଦାନ କରାଯାଇଛି । ପୂର୍ବରୁ ଇଫକୋ ପାରାଦୀପ ୟୁନିଟ୍ ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନରେ ସାମିଲ ହୋଇ ଜଗତସିଂହପୁର ଜିଲ୍ଲାର ଟିବିରୋଗୀମାନଙ୍କୁ ସହାୟତା ପ୍ରଦାନ କରିଥିଲା । ଏହି ଅବସରରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ପାଟକୁରା, ମାର୍ଶାଘାଇ ଓ ମହାକାଳପଡାର ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ହୋବା ସହିତ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋରଂଜନ କର ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀଡା. ସଚ୍ଚିଦାନନ୍ଦ ମିଶ୍ର, ଇଫକୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା, ଜିଲ୍ଲା ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ପାଟକୁରା ଓ ମହାକାଳପଡା ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ନିରଂଜନ କର, ପିଏମଟିବିଏମବିଏର ରାଜ୍ୟ ପ୍ରୋଗାମ ଅଫିସର ଶିବ ପ୍ରସାଦ ଓଝା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପିଏମଟିବିଏମବିଏ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଇଫକୋ ପାରାଦୀପ ୟୁନିଟ୍ ସମସ୍ତ ପ୍ରକାରର ସହଭାଗିତା ଯୋଗାଇ ଦେଉଛି । ଟିବିରେ ପିଡୀତମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ, ଔଷଧ, ସ୍ୱାସ୍ଥ୍ୟ ସଚେତନତା ଆଦି ଯୋଗାଇ ଦେଇ ଭାରତକୁ ଟିବିମୁକ୍ତ କରିବାରେ ସକ୍ରିୟ ସହଯୋଗ କରୁଛି । କୋଭିଡ୍-୧୯ ସମୟରେ ଇଫକୋ ପାରାଦୀପ ସମଗ୍ର ଦେଶକୁ ଅକ୍ସିଜେନ୍ ଯୋଗାଇ ଦେବା ସହିତ କିଟ୍ ପ୍ରଦାନ କରି ସମଗ୍ରର ଦେଶର ଦୃଷ୍ଟି ଆକର୍ଷଣ କରିଥିଲା । ରାଜ୍ୟର ଏକମାତ୍ର ଅନୁଷ୍ଠାନ ଭାବେ ସେ ସମୟରେ ଇଫକୋ ପାରାଦୀପ ୟୁନିଟ୍ ସାତ କୋଟି ଟଙ୍କା ବ୍ୟୟରେ ମେଡିକାଲ୍ ?ରେ ବ୍ୟବହାର ହେଉଥିବା ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରି ସରକାରୀ ଚିକିତ୍ସାଳୟକୁ ମାଗଣାରେ ମେଡିକାଲ୍‌ରେ ବ୍ୟବହାର ହେଉଥିବା ଅକ୍ସିଜେନ ପ୍ରଦାନ କରିଥିଲା । ଏତଦ୍ ବ୍ୟତିତ ବିଭିନ୍ନ ବିପର୍ଯ୍ୟୟ ସମୟରେ ପିଡୀତମାନଙ୍କୁ ଇଫକୋ ପାରାଦୀପ ୟୁନିଟ୍ ସହାୟତା ପ୍ରଦାନ କରି ଆସିଛି । ସମାଜର ସର୍ବାଙ୍ଗୀନ ଉନ୍ନତିରେ ନିଜକୁ ସମର୍ପିତ କରିବା ପାଇଁ ଇଫକୋ ପାରାଦୀପ ୟୁନିଟ୍ ସର୍ବଦା କାର୍ଯ୍ୟ କରି ଆସିଛି ।

### ବିଏମସି ପକ୍ଷରୁ ଗଣ ସଫେଇ ଅଭିଯାନ

ଭୁବନେଶ୍ୱର, ୨୫/୯ (ନି.ପ୍ର): ସ୍ୱଚ୍ଛତା ହିଁ ସେବା। ଏହି ଅବସରରେ ବିଏମସି ପକ୍ଷରୁ ଆୟୋଜିତ ହୋଇଛି ଗଣ ସଫେଇ ଅଭିଯାନ। ଏକ ଦିନ, ଏକ ଘଂଟା, ଏକ ଏକାସାଥିରେ ନାରା ଦେଇ ଶହ ଶହ ସଫେଇ କର୍ମଚାରୀ ଏକାଠି ହୋଇଛନ୍ତି। ପରିବେଶ ସ୍ୱଚ୍ଛ ରହିଲେ ଆମେ ସୁସ୍ଥ ରହିବା। ଏହି ଆହ୍ୱାନ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପ ସମ୍ମୁଖରେ ଗଣ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଗଣ ସଫେଇରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ।

**AFFIDAVIT**

By virtue of an affidavit before the executive Magistrate Balasore, I, Sagarika Roy, formely called Sagarika Karmakar, W/o- Suraj Karmakar, Permanent resident of At- V.N Marg, Ps- Town, Po/Dist- Balasore, pin-756001 state that I have changed my name to Sagarika Roy form my former name Sagarika Karmakar . Henceforth I shall use and sign the name of Sagarika Roy in place of my former name Sagarika Karmakar. I shall be known as Sagarika Roy for all purposes.

Sagarika Roy

# ବିଧାୟକ ପାଣ୍ଠି ବିନିଯୋଗ ଦିଗରେ ଅନ୍ ଲାଇନ୍ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା , ୨୫/୯ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜଙ୍କ ଅଧକ୍ଷତାରେ ଜିଲ୍ଲାର ସମସ୍ତ ବି ଡି ଓ, ସହକାରୀ ଯନ୍ତ୍ରୀ ମାନଙ୍କୁ ମାନ୍ୟବର ବିଧାୟକ ଙ୍କ ସୁପାରିଶ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଧାରା, ସେଗୁଡିକ ର ଆର୍ଥିକ ଅନୁଦାନ, ପରୀକ୍ଷଣ, ଅନୁମୋଦନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପାୱାର ପଏଣ୍ଟ ଉପକରଣରେ ପ୍ରଶିକ୍ଷଣ ଦିଆଯାଇଥିଲା । ଉକ୍ତ ବୈଠକରେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପନିର୍ଦ୍ଦେଶକ,ଯୋଜନା ଓ ପରିସଂଖ୍ୟାନ ଶ୍ରୀ ଶଙ୍କର ବେହେରା ଯୋଗ ଦେଇଥିଲେ । ବିଧାୟକଙ୍କ ତିନି ଗୋଟି ବିଭାଗରେ ଯଥା ସାଧାରଣ, ଶିକ୍ଷା ଏବଂ ରାସ୍ତା ଜନିତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ସୁପାରିଶ ଗୁଡ଼ିକୁ କିଭଳି ଅନଲାଇନରେ କାର୍ଯ୍ୟ ସମ୍ପାଦନ କରାଯିବ ସେ ସମ୍ବନ୍ଧରେ ବିସ୍ତୃତ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ଅନ ଲାଇନ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟଗୁଡ଼ିକ ଦୃତ ଗତିରେ ସମ୍ପାଦିତ ହେବାସହ ସର୍ବସାଧାରଣ ଏହାର ସଫଳ ଫାଇଦା ନେଇ ପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଦଶ ଲକ୍ଷ ରୁ ଅଧିକ ପ୍ରକଳ୍ପ ଗୁଡ଼ିକର ସୁପାରିଶ ଆସିଲେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବୈଷୟିକ ଅନୁମୋଦନ ଏବଂ ଜିଲ୍ଲାପାଳ ପ୍ରଶାସନିକ ଅନୁମୋଦନ କରିବେ । ଯେଉଁ ପ୍ରକଳ୍ପ ଗୁଡ଼ିକ ଗ୍ରହଣ ଯୋଗ୍ୟ ନୁହେଁ ସେଗୁଡିକୁ ଜିଲ୍ଲା ପାଳ ମାନ୍ୟବର ବିଧାୟକ ଙ୍କ ନିକଟକୁ ଅନଲାଇନରେ ପ୍ରେରଣ କରିବେ । ଉକ୍ତ ପ୍ରକଳ୍ପ ଗୁଡ଼ିକର ପ୍ରତ୍ୟାଖାନ ମାନ୍ୟବର ବିଧାୟକ କରିବେ । ଏଥି ସହ ବି ଡି ଓ ଏବଂ ସହକାରୀ ଯନ୍ତ୍ରୀ ମାନଙ୍କ ସ୍ତରରେ ଅନଲାଇନ୍ କାର୍ଯ୍ୟକ୍ରମ ସମ୍ପାଦନ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବୈଠକରେ ସମସ୍ତ ବି ଡି ଓ, ସମସ୍ତ ସହକାରୀ ଯନ୍ତ୍ରୀ, ବୈଷୟିକ ପରାମର୍ଶଦାତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଏବଂ ଯୋଜନା ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ ।

# ଜିଲ୍ଲା କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର, ୨୫/୯ (ନି.ପ୍ର): ଭାରତୀୟ ଜନତା ପାର୍ଟିର ଅନ୍ୟତମ ମାର୍ଗଦର୍ଶକ ଏକାତ୍ମ ମାନବବାଦର ପ୍ରଣେତା ସ୍ୱର୍ଗତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାକାର୍ଯ୍ୟକୁ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପରିଚାଳନା କରିଥିଲେ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ଶ୍ରୀଯୁକ୍ତ ବେହେରା ଦୀନଦୟାଲ ଜୀଙ୍କ ଜୀବନୀ, ନୀତି ଆଦର୍ଶ, ତାଙ୍କ ଦ୍ୱାରା ରଚିତ ଏକାତ୍ମ ମାନବବାଦ ଉପରେ ଗଭୀର ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାରୀନେତ୍ରୀ ସୁଷମା ରାଣୀ ବିଶ୍ୱାଳ ଦୀନଦୟାଲ ଜୀଙ୍କ ସ୍ମୃତି ଚାରଣ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଜିଲ୍ଲା ଉପସଭାପତି କମଳା ବିନ୍ଧାଣୀ, ଜିଲ୍ଲା ସମ୍ପାଦିକା ସୁସ୍ମିତା ଚାନ୍ଦ, ସୂରଜ ବିଶ୍ୱାଳ, ଝାଡ଼େଶ୍ୱର ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପଣ୍ଡା, ବିକାଶ ପାଢି, ରାଜେନ୍ଦ୍ର ଚାଟାର୍ଜୀ, ଜିତେନ୍ଦ୍ର ପ୍ରହରାଜ, ବିନୋଦ ବିହାରୀ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ବାଣେଶ୍ୱର ମଣ୍ଡଳ ସଭାପତି ଧୀରଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

